
ତୃଷ୍ଣା-20

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ଚରମ


❀ ପଞ୍ଚମ ପୁଷ୍ପ ❀ ପ୍ରଥମ ପାଖୁଡ଼ା ❀ ବିଂଶତମ ସଂଖ୍ୟା ❀

ସଂପାଦକ : କେଶବଦାସ ବୃନ୍ଦାବନ

ପ୍ରକାଶକ : ଧୀରେନ୍ଦ୍ର ବେହେରା, ସାଧାରଣ ସଂପାଦକ
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍
କ୍ଷିତିଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।

ମୁଦ୍ରଣ : ଇନ୍ ପ୍ରିଣ୍ଟ, ଚାନ୍ଦିନୀଚୌକ, କଟକ ।

ଅକ୍ଷରସଜ୍ଜା : ଇସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ଼,
କଟକ, ଫୋନ- ୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା ।।
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ଇନ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ ।

ପ୍ରକାଶକଙ୍କ କର୍ତ୍ତୃକ ସର୍ବସତ୍ତ୍ୱ ସଂରକ୍ଷିତ ।।

❀ ଭକ୍ତିପ୍ରେମାଞ୍ଜଳି : ପ୍ରତିଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ❀

❋ କେଶବାବ୍ଦ ❋ ତ୍ରିଚତ୍ୱାରିଂଶଦ୍ ❋ ମର୍ତ୍ତ୍ୟାବତରଣ ମାସ ❋ କୁମାର ପୂର୍ଣ୍ଣିମା ❋

# ପ୍ରବେଶୀ ପରିଚିତି

❋ ପଞ୍ଚମ ପୁଷ୍ପ ❋
ପ୍ରଥମ ପାଖୁଡ଼ା
ବିଂଶତମ ସଂଖ୍ୟା

❖ ବୈଦିକପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବେ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥

ଦ୍ୱିତୀୟ ମହକ କେଶବାବ୍ଦ - ୫୨, ଚୈତ୍ର ପୂର୍ଣ୍ଣିମା ୨୦୦୭ ଅପ୍ରେଲ ୨

| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପାଦୁକା ସ୍ତୁତି | ୧ |
| **ସିଂହଦ୍ୱାର** | |
| ବନ୍ଦନା | ୨ |
| ଭକ୍ତି ସଂଗୀତ | ୩ |
| ଜଣାଣ | ୪ |
| **ମୁଖଶାଳା** | |
| ସଂପାଦକୀୟ | ୫ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ | ୬ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୯ |
| ପୁରାଣ ପୃଷ୍ଠାରୁ (ଗଳ୍ପାଂଶ) | ୧୦ |
| ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ : ମୋହ | ୧୨ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୪ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚୟି ମୂର୍ତ୍ତି ନିର୍ମାତାରୁ ମୂର୍ତ୍ତିମନ୍ତ - | ୧୬ |
| ଉତ୍ତିଷ୍ଠତଃ ! ଜାଗ୍ରତଃ !! | ୧୮ |
| ଜିଜ୍ଞାସା : ଜିଜ୍ଞାସୁ : | ୨୧ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୪ |
| କଲ୍ୟାଣ ଦେଲି ତୋତେ | ୨୬ |
| କେଶବ କୈବଲ୍ୟ କଣିକା | ୨୯ |
| ମାଳିକା ଉଦ୍ଧୃତାଂଶର ସରଳ ବ୍ୟାଖ୍ୟା | ୩୧ |
| ପୁରାଣ ପୃଷ୍ଠାରୁ : ଗଳ୍ପାଂଶର ମୀମାଂସାଖଣ୍ଡ | ୩୩ |
| **ନୀଳଚକ୍ର** | |
| 'ଚରମ'ର ସଂକେତ | ୩୫ |

## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା ଭକ୍ତି ଓ ନିଷ୍ଠାର ସହିତ ପାଠ କରନ୍ତୁ ।
୨. ନିଜେ ପଢ଼ିବା ସହିତ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବାକୁ ପ୍ରବର୍ତ୍ତନା ଦିଅନ୍ତୁ/କ୍ଷେତ୍ର ବିଶେଷରେ ନିଜେ ପଢ଼ି ପରିବାରର ଅନ୍ୟ ସମସ୍ତଙ୍କୁ ଶୁଣାନ୍ତୁ ।
୩. ପାଖ ପଡ଼ିଶାଙ୍କୁ ପଢ଼ିବାକୁ ସୁଯୋଗ ଦିଅନ୍ତୁ/ପଢ଼ି ଶୁଣାଇ ଦିଅନ୍ତୁ/ପତ୍ରିକା ନିୟମିତ କିଣିବା ପାଇଁ ଉତ୍ସାହିତ କରନ୍ତୁ ।
୪. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହାଦ୍ୱାରା ପତ୍ରିକାର ଅଙ୍ଗହାନି ହେବ ।
୫. ପୂତ ପବିତ୍ରତା ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୬. ପତ୍ରିକାର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିର ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣ ସ୍ତମ୍ଭ

**ମଙ୍ଗଳାଚରଣ**

ଆଦି ଦେବୋ ନମସ୍ତୁଭ୍ୟଂ
କେଶବଂ ଜ୍ଞାନଦାୟକମ୍ ।
ସର୍ବାଖିଳ ହିତକରଂ
କୁର୍ବନ୍ତୁ ନଃ ମଙ୍ଗଳମ୍ ।।



## ଶ୍ରୀପାଦୁକା ସ୍ତୁତି

ଶ୍ରୀପାଦପାଦୁକା ବାରେ ଶୁଣ ମୋର ସ୍ତୁତି ।
ଚରମ ପ୍ରାପତି ପାଇଁ କର ହେ ପ୍ରସ୍ତୁତି । (୧)
ଶ୍ରୀପାଦ ପାଦୁକା ପୀଠେ ଏତିକି ପ୍ରାର୍ଥନା ।
ଲୟ ଲକ୍ଷ୍ୟ ସ୍ଥିର ହେଉ, ନୋହୁ ଆନମନା । (୨)
ଶ୍ରୀପାଦ ପାଦୁକା ମୋର ପ୍ରତ୍ୟକ୍ଷ ଦେବତା ।
ମୁକ୍ତି ଶାନ୍ତି ମୋକ୍ଷ ଦାତା ନିର୍ବାଣ କରତା । (୩)
ଶ୍ରୀପାଦ ପାଦୁକା ଜୀବ ପରମର ସ୍ଥଳ ।
ଭୟାର୍ତ୍ତର ଭୟହର ନିର୍ବଳର ବଳ । (୪)
ଶ୍ରୀପାଦ ପାଦୁକା ସତ୍ୟ ଶାନ୍ତି ପ୍ରେମାସ୍ପଦ ।
ଧର୍ମଚକ୍ର ପ୍ରବର୍ତ୍ତକ ସର୍ବ ପୂଜାସ୍ପଦ । (୫)
ଶ୍ରୀପାଦ ପାଦୁକା ସେବି ମୋ ଜୀବନ ଯାଉ ।
ମୋ ପ୍ରଭୁ ମହତ୍ତ୍ୱ ଯୁଗ ଯୁଗାନ୍ତରେ ଥାଉ । (୬)
ଶ୍ରୀପାଦ ପାଦୁକା ଦର୍ଶନରେ ପାପକ୍ଷୟ ।
ସେବା ପରାୟଣହେଲେ ତୁଟେ ସର୍ବ ଭୟ । (୭)
ଶ୍ରୀପାଦ ପାଦୁକା ପୀଠେ ସାଷ୍ଟାଙ୍ଗ ପ୍ରଣାମ ।
ବିନତି ପ୍ରାର୍ଥନା କଲେ ପୂର୍ଣ୍ଣ ମନସ୍କାମ । (୮)
ଶ୍ରୀପାଦ ପାଦୁକା ପୀଠେ କୃତାଞ୍ଜଳି ଅର୍ଘ୍ୟ ।
ପ୍ରଦାନିଲେ ପାଆନ୍ତି ସେ ଏ ଅତି ମହାର୍ଘ (୯)
ଶ୍ରୀପାଦ ପାଦୁକା ନୀତି ନିତି ସଂପାଦିଲେ ।
କରୁଣା କଲ୍ୟାଣ କରି ଉଦ୍ଧରନ୍ତି ଭଲେ ।(୧୦)

ଶ୍ରୀପାଦ ପାଦୁକା ସେବି ଗଲେ ଯାଉ ଜୀବ ।
ସୂକ୍ଷ୍ମ ଶରୀରରେ ତାଙ୍କ ପାଦେ ଲୟଥିବ । (୧୧)
ଶ୍ରୀପାଦ ପାଦୁକା ସେବି ମହିମା ବୁଝିଲେ ।
ନିରତେ ନିକଟେ ରହି ଥାନ୍ତି ଦାର୍ଢ୍ୟ ଥିଲେ । (୧୨)
ଶ୍ରୀପାଦ ପାଦୁକା ପଦ୍ମ ମଣ୍ଡଳରେ ସ୍ଥିତି ।
ଭକତ ମନମୋହନ ଭକତିର ରୀତି । (୧୩)
ଶ୍ରୀପାଦ ପାଦୁକା ଦୃଢ଼େ ଧରି ଅନୁଦିନ ।
ଧର୍ମ ପଥେ କର୍ମପଥେ କର ବିଚରଣ । (୧୪)
ଶ୍ରୀପାଦ ପାଦୁକା ଜୀବ ଉଦ୍ଧାର କରତା ।
ପ୍ରତ୍ୟକ୍ଷ ଶ୍ରୀଗୁରୁ ପୁଣି ପ୍ରତ୍ୟକ୍ଷ ଦେବତା । (୧୫)
ଶ୍ରୀପାଦ ପାଦୁକା ପୀଠେ ସ୍ଥିର କରି ମନ ।
ଶ୍ରଦ୍ଧାଭରେ ସେବିଥିଲେ ମିଳଇ ସୁମନ । (୧୬)
ଶ୍ରୀପାଦ ପାଦୁକା ପୀଠେ କଲେ ନାମ ଧ୍ୟାନ ।
ଜ୍ଞାନ ପଦ୍ମ ବିକଶଇ ତୁଟଇ ଅଜ୍ଞାନ । (୧୭)
ଶ୍ରୀପାଦ ପାଦୁକା ଘେନ ମୋର ଏ ମିନତି ।
ପଥରେ ଚଳାଇ ନିଅ ଏତିକି କାକୁତି । (୧୮)
ଶ୍ରୀପାଦ ପାଦୁକା ଘେନ ପ୍ରଣାମ ମୋହର ।
ମୋହରୁ ବିଚ୍ଛିନ୍ନ କରି ତ୍ରିତାପ ମୋ ହର । (୧୯)
ଶ୍ରୀପାଦ ପାଦୁକା ପୀଠେ ଏତିକି ମୋ ସ୍ତୁତି ।
ଚରମ ପ୍ରାପତି ଲକ୍ଷ୍ୟେ କରହେ ପ୍ରସ୍ତୁତି । (୨୦)




## ଶ୍ରୀପଦବନ୍ଦନା

ଶ୍ରୀପଦ ପାଦୁକା ହୃଦେ ଚିନ୍ତଇ,
ଶ୍ରୀପଦ ପଙ୍କଜ ବସିଛି ଧାୟୀ । (୧)
ଶ୍ରୀପଦ କର୍ମରେ କମଳ ମାଳ,
ଶ୍ରୀପଦ କମଳେ ଭକତି ଠୁଳ । (୨)
ଶ୍ରୀଗୁରୁ ଶ୍ରୀପଦ ଭବର ନାବ,
ଶ୍ରୀପଦେ ପୂରିଛି ସର୍ବ ସମ୍ପଦ । (୩)
ଶ୍ରୀପଦରୁ କ୍ଷରି ଅଛି ବ୍ରହ୍ମାଣ୍ଡ,
ଶ୍ରୀପୟରେ ସର୍ବ ଦେବଙ୍କ ରୁଣ୍ଡ । (୪)
ଶ୍ରୀପଦଟି ତିନି ଗୁଣ ଧରିଛି,
ଶ୍ରୀପଦ ନିର୍ଗୁଣ ହୋଇ ରହିଛି । (୫)
ଶ୍ରୀପଦରେ ଅଷ୍ଟ ସିଦ୍ଧିଙ୍କ ବାସ,
ଶ୍ରୀପଦ କରିଛି ଜଗତ ବଶ । (୬)
ଶ୍ରୀପଦ ଦର୍ଶନେ ତୁଟଇ ଭୀତି,
ଶ୍ରୀପଦ ବିନାଶୁ ଅଛି ଅରାତି । (୭)
ଶ୍ରୀପଦରୁ ଝରୁଛି ମକରନ୍ଦ,
ଶ୍ରୀପୟରରେ ପୂରିଅଛି ଆନନ୍ଦ । (୮)
ଶ୍ରୀପଦରେ ସର୍ବ ଜ୍ଞାନ ପୂରିଛି,
ଶ୍ରୀପଦ ସାକ୍ଷୀ ସମ ରହିଅଛି । (୯)
ଶ୍ରୀପଦେ ଲାଗିଛି ଗୋଲକ ଧନ୍ଦା,
ଶ୍ରୀପଦରେ ତରୀ ହୋଇଛି ବନ୍ଧା ।(୧୦)
ଶ୍ରୀପଦ ମୋ ପ୍ରଭୁ ବକ୍ଷେ ବସିଛି,
ଶ୍ରୀପଦେ ଘୋଡ଼ଶୀ ଏକ ପଡ଼ିଛି ।(୧୧)
ଶ୍ରୀପଦ ମାୟା ବନ୍ଧନ କାଟଇ,
ଶ୍ରୀପଦ ପାଇଁ କି ଜଗତ ବାଇ । (୧୨)
ଶ୍ରୀପଦକୁ ଯୋଗୀ କରଇ ଧ୍ୟାନ,
ଶ୍ରୀପଦ ଭକତ କରେ ବୟାନ । (୧୩)
ଶ୍ରୀପଦ ଅଟଇ ମହିମା ମେରୁ,
ଶ୍ରୀପଦ ଠାରୁ କେ ଅଛଇ ଗରୁ । (୧୪)
ଶ୍ରୀପଦ ପାଦୁକା ଆଜ୍ଞା ଆଶିଷ,
ଶ୍ରୀପଦ ସଙ୍ଗେ ଥାନ୍ତି ପୀତବାସ । (୧୫)
ଶ୍ରୀପଦ ସ୍ମରଣେ ପଳାଏ କାଳ,
ଶ୍ରୀପଦେ ଚିନ୍ତୁଛି ଅଜ୍ଞାନ ବାଳ । (୧୬)
ଶ୍ରୀପଦକୁ କିସ ବର୍ଣ୍ଣିବ ମୂଢ଼,
ଶ୍ରୀପଦରେ ଅଛି ଛାୟା ଅବାଢ଼ । (୧୭)
ଶ୍ରୀପଦରୁ ଜ୍ୟୋତି ଧାରା ଝରୁଛି,
ଶ୍ରୀପଦ ତିନି ଶୂନ୍ୟ ପରେ ଅଛି । (୧୮)
ଶ୍ରୀପଦ ଧରାରେ ଦେଇଛି ଧରା,
ଶ୍ରୀପଦ ବତାଉ ଅଛିଟି ଧାରା । (୧୯)
ଶ୍ରୀପଦ କଳିର ଅଟେ ଚରମ,
ଶ୍ରୀପଦ କାଟୁ ସରବ ଭରମ । (୨୦)
ଶ୍ରୀପଦ ବତାଏ ମୁକତି ପଥ,
ଶ୍ରୀପଦ ପ୍ରାନ୍ତେ ରହିଥାଉ ମାଥ । (୨୧)
ଶ୍ରୀପଦେ କରେ ସାଷ୍ଟାଙ୍ଗ ପ୍ରଣାମ,
ଶ୍ରୀପଦଟି ଏ ଜୀବର ପରମ । (୨୨)

ଶ୍ରୀପଦ ପାଦୁକା ଲକ୍ଷ୍ୟରେ ରହୁ,
ଶ୍ରୀପଦ ଚିନ୍ତି ଜୀବ ଶବ ହେଉ ।(୨୩)

❖❖❖

# ଭକ୍ତି ସଂଗୀତ

ଦେଖିଛ କି ବନ୍ଧୁ  କୃପା ସୁଧା ସିନ୍ଧୁ
  ଜରୁଣା ନଦୀ ଜଳରେ
ଉଚ୍ଛୁଳି ଯାଇଛି  ମମତା ଢେଉରେ
  ଝରିବାକୁ ଧରାପରେ  (୦)
ଅରୂପରୁ ରୂପ  ହୋଇ ନର ଦେହେ
  ଲୁଚି ମାୟା ଢାଙ୍କୁଣୀରେ
ଧରା ନପଡୁଛି  ବାଚାଳ କରୁଛି
  କଥା କହି ମଉନରେ
ଦୁଇବାହୁ ତୋଳି  ହୃଦେ ସ୍ନେହ ବୋଳି
  ଡାକୁଛି ଆଜି ଅଧିରେ...........  (୧)

କ 'ଅକ୍ଷରର  ବାମରେ ''ଏ'' କାର
  ରଖି ଅତି ଯତନରେ
ଶିବରୁ ''ଇ''କାର  ଭେଦଟିକୁ କାଟି
  ଥାପିଛି ତା ଦକ୍ଷିଣରେ
ସୁନାର ଖୋଳପା  ଲଗାଇ କରିଛି
  ଘର ତ୍ରିଯାମ କ୍ଷେତ୍ରରେ...........  (୨)

ଚାଲ ବନ୍ଧୁ ଯିବା  ଶରଣ ପଶିବା
  ମିଶିଯିବା ସିନ୍ଧୁନୀରେ
ସେ କୃପା ବିନ୍ଦୁକୁ  ମଥାରେ ମାଖିବା
  ରଖି ତା ନାମ ତୁଣ୍ଡରେ
ଧାରାକୁ ଧରିବା  ରାଧା ହୋଇ ଯିବା
  ଭେଟିବା ରାହାସ କୁଞ୍ଜରେ...........  (୩)

# ଜଣାଣ

ହସିଲେ ଆଖିରୁ ଲୁହ ଝରିଯାଏ
କାନ୍ଦିଲେ ଝରଇ ଲହୁ ।
ପତିତ ଦୀନ ମୁଁ ଆରତେ ଡାକୁଛି
ତୁମେ ପରା ମହାବାହୁ । ॥୦॥

ହାତ ଧରି ମୋର ଚାଲି ଶିଖାଇଛ
କଣ୍ଠରେ ଦେଇଛ ଭାଷା,
ବୁଦ୍ଧି ବିବେକରେ ଜ୍ଞାନ ମଞ୍ଜି ଦେଲ
ସବୁ କାମନାର ଆଶା;
ମୋ କଣ୍ଠର ଯେତେ କରୁଣ କାକୁତି
ଛୁଇଁନି ଅନ୍ତର ଆଉ । ॥୧॥

ଦୁନିଆକୁ ଦେଖେ ତୁମ ନୟନରେ
ତୁମକୁ ଦେଖେ ସପନେ,
ମନତଳ କଥା ଅନ୍ତରର ବ୍ୟଥା
କହିଛି ସବୁ ଗୋପନେ;
କିବା ଅଛି ମୋର ତୁମ ପାଦପୀଠେ
ଭେଟି ଦେବା ପାଇଁ ଆଉ । ॥୨॥

ଜନମ ଦେଇଛ କରମ ଲିହିଛ
ମରଣ ରହିଛି ବାକି,
ଇଚ୍ଛାରେ ଶରଣ ପଶିଛି ଚରଣେ
ଚରମ ରହିଛି ସାକ୍ଷୀ;
ଏତିକି ବାସନା ତୁମ ନାମାମୃତ
କର୍ଣ୍ଣପୁଟେ ଶୁଭୁ ଥାଉ । ॥୩॥

# ସଂପାଦକୀୟ

## ମୁଖଶାଳା

**ମହାତ୍ମା କବୀରଙ୍କ ଭାଷାରେ :**

''ମୋ କୋ କହାଁ ଢୁଣ୍ଢେରେ ବନ୍ଦେ ମେଁ ତୋ ତେରେ ପାଶ୍ ମେଁ ।
ନାଁ ମନ୍ଦିର ମେଁ, ନାଁ ମସ୍‌ଜିଦ୍ ମେଁ, ନାଁ କାଶୀ କୈଳାସ ମେଁ ।।
ନାଁ ମେ ରହତା କ୍ରିୟା କରମ୍ ମେଁ, ନାଁ ବ୍ରତ ଉପବାସ ମେଁ ।
ଢୁଣ୍ଡି ହୋଉ ତୁରନ୍ତ ମିଲ୍ ଜାଉଁ ମେଁ ତୋ ହୁଁ ବିଶ୍ୱାସ ମେଁ ।।

ଭଗବତ୍ ସାନିଧ ଲାଭ ନିମନ୍ତେ ବିଶ୍ୱାସ ହିଁ ପରମ ଓ ଚରମ ସହାୟକ । ମହାତ୍ମା କବୀରଙ୍କର ଏହି ଅମରବାଣୀରୁ ଏହା ସ୍ପଷ୍ଟ ଜଣାଯାଏ । ଦୃଢ଼ ବିଶ୍ୱାସ ନଥାଇ ମନ୍ଦିର ମସ୍‌ଜିଦ୍, କାଶୀ କୈଳାସ, କ୍ରିୟାକର୍ମ, ବ୍ରତ ଉପବାସ କଲେ ମଧ ଭଗବତ୍ ଦର୍ଶନ ହୁଏ ନାହିଁ । ସେ ତ ସବୁ ବେଳେ ଆମ୍ଭମାନଙ୍କର ପାଖେ ପାଖେ ଅଛନ୍ତି । ତାଙ୍କୁ ଖୋଜିବାକୁ କୁଆଡ଼େ ଯିବା ? ଥରେ ଦୃଢ଼ ବିଶ୍ୱା ସ୍ଥାପନ କରିଦେଲେ ହିଁ ତାଙ୍କୁ ଖୋଜିବା ମାତ୍ରେ ନିଜ ମଧରେ,ଆଶପାଶରେ ତାଙ୍କୁ ପାଇ ପାରିବା ପରା !!

ଜୀବନ ହିଁ ବ୍ରହ୍ମ । । ସେହି ଜୀବର ସେବା ପୂଜା ଛାଡ଼ି ଯୋଗୀ ସାଜି ପଥର ପୂଜାରେ ଶକ୍ତି ଆଉ ସମୟର ଦୁରୋପଯୋଗ ହେବ ସିନା; ବ୍ରହ୍ମ ଉପଯୁକ୍ତ ହୋଇ ପାରିବା ଦୁଷ୍କର ହୋଇଛି । ହୋଇଥିଲା ରାମକୃଷ୍ଣ ପରମହଂସଙ୍କର ବା/ ଓ ସେହି ପର୍ଯ୍ୟାୟଭୁକ୍ତ ସାଧୁସନ୍ଥମାନଙ୍କର । ସେମାନଙ୍କର ହେଉଛି; ହେବ । ସର୍ବସାଧାରଣର ମାର୍ଗ ଏ ନୁହେଁ । ଯୋଗୀ ହୋଇ ମନକୁ ଯଦି ତାଙ୍କ ପ୍ରେମ ରସରଙ୍ଗରେ ରଙ୍ଗେଇ ନ ପାରିଲ, ତେବେ ଯୋଗୀ ହୋଇ ଲାଭ କ'ଣ ?

''ମନ୍ ନା ରଙ୍ଗେଇଲୁ ଯୋଗୀ
ରଙ୍ଗେଇଲୁ ତୁ କପଡ଼ା ।
ବ୍ରହ୍ମକୁ ଛୋଡ଼େ ଯୋଗୀ
ପୂଜନେ ଲଗା ପଥଡ଼ା ।'' (କବୀର ଦୋହା)

ଏଠି ତ କଳିର ଖେଳ ଲାଗିଛି । କଳିର ମୂଳତତ୍ତ୍ୱ ହେଉଛି ମନରେମଳିନ । କଳିକାଳରେ ସାଧାରଣ ଲୋକଙ୍କର ମନ ରୂପକ ମୀନ ପାପସମୁଦ୍ରରେ ମହାସୁଖରେ ସନ୍ତରଣ କରୁଛି । ଏହି କଥା ସନ୍ଥ ତୁଳସୀ ଦାସ ସୁନ୍ଦର ଭାବରେ କହିଛନ୍ତି :

''କଲି କେବଲ୍ ମଲ୍ ମୂଲ୍ ମଲିନା ।
ପାପ୍ ପୟୋନିଧି ଜନ୍‌ମନ୍ ମୀନା ।।''

**ପା**ପ ସମୁଦ୍ରରେ ସନ୍ତରଣ କରୁଥିବା ଲୋକ ଜ୍ଞାନସାଗର ହେବାର ଅହଂକାରରେ ବେଦବେଦାନ୍ତ ଉପନିଷଦ ଆଦିରୁ ତତ୍ତ୍ୱ ମୁଖସ୍ଥ କରୁଛି । ହେଲେ, ଅନ୍ତିମରେ ତ ସେହି ଭଗବାନ୍‌ଙ୍କର ନାମ ହିଁ ନେଉଛି ନା ଅଧିକ କ'ଣ କରିପାରୁଛି ? ମୂଳରୁ ସେହି ନାମ ଜପରେ ମାତିଥିଲେ ତ ସବୁ କାମ ସରିଥାଆନ୍ତା ନା ନାହିଁ ?

**ରାମନନ୍ଦଜୀଙ୍କ ଶିଷ୍ୟ ଦରିୟାସାହେବ କହନ୍ତି :**

''ଚାର୍‌ବେଦ୍ ଢୁଣ୍ଡର୍‌କେ
ଅନ୍ତ୍‌ମେଁ ତୋ କହୋଗେ ରାମ୍ ।
ପହଲେ ଯୋ କହ୍‌ଦେତାଦରିୟା
ବନ୍ ଯାତେ ସବ୍ କାମ୍ ।''

**ନା**ମ ଜପର ମହାତ୍ମ୍ୟ ଓ ତାତ୍ପର୍ଯ୍ୟ ବୁଝି **ସମଷ୍ଟି ଶୁଦ୍ଧା ପ୍ରେମଭକ୍ତିର ଆନନ୍ଦଘନ** ମହାଭାବରେ ନିତ୍ୟନିୟତ ସନ୍ତରଣକରିବାଠାରୁ ତତ୍ତ୍ୱ ଜ୍ଞାନ ଆଦିରେ ଘାଣ୍ଟି ଚକଟି ହେବାରେ କ'ଣ ଅଧିକ ମଧୁର ରସ ନିହିତ ଅଛି କି ? ଶ୍ରଦ୍ଧା ଓ ନିଷ୍ଠା, ପ୍ରେମ ଓ ଭକ୍ତିର ସହିତ ବୀଜମନ୍ତ୍ରର ଅଖଣ୍ଡ ଜପ ଦ୍ୱାରା **ଜୀବ ଅନାୟାସରେ** ସେହି ମହାଭାବର ସ୍ୱଚ୍ଛଭଗବତ୍ ରସଧାରାରେ ନିତ୍ୟ ନିୟତ ସନ୍ତରଣ କରି ପୂର୍ଣ୍ଣାନନ୍ଦ ପ୍ରାପ୍ତ ହୁଏ, **ହୋଇପାରେ ॥**

**ଥ**ରେ ଏହା ଅଭ୍ୟାସ କରି ଅଭ୍ୟସ୍ତ ହୋଇ ନିଜକୁ ନିଜେ ନିରୀକ୍ଷଣ କରି ଦେଖନ୍ତ ! ପୂର୍ବାପର ଅବସ୍ଥାର ଅନୁଶୀଳନ ଦ୍ୱାରା ଆତ୍ମସମୀକ୍ଷା କରିପାରିଲେ ପ୍ରଭେଦ ଅନୁଭବ ଅବଶ୍ୟ କରିପାରିବ । ଅଳମତି ବିସ୍ତରେଣ ! ଓ ମିତି ନମସ୍କାରାନ୍ତେ,

ସଂପାଦକ 'ଚରମ'

*

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ଆମ ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ଚରମର ବାର୍ଷିକ / ଆଜୀବନ/ ପୃଷ୍ଠପୋଷକ ସଭ୍ୟ ଗ୍ରହଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆଗ୍ରହୀବ୍ୟକ୍ତି / ଅନୁଷ୍ଠାନ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ ।

**''ସଂପାଦକ, ''ଚରମ''**

**ଯୋଗାଯୋଗ ଠିକଣା**

**ମାର୍ଫତ୍ ଶ୍ରୀ ବିଜୟ କୁମାର ଦାସ.ଚରମ ପ୍ରକାଶନ ସଂସ୍ଥା, ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ**

**'ଚରମ'ରେ !!**

# ଚିନ୍ତନ : ଏ ପାଖୁଡ଼ାର

**'ଚରମ':** ଚତୁର୍ଥ ପୁଷ୍ପ : ଚତୁର୍ଥ ପାଖୁଡ଼ା: ସପ୍ତଦଶ ସଂଖ୍ୟାଠାରୁ ଏହି ସ୍ତମ୍ଭ ଆମ ଆଧ୍ୟାତ୍ମିକ ପତ୍ରିକାରେ କ୍ରମ ସଂଯୋଜିତ । ଆଧ୍ୟାତ୍ମିକ ଜୀବନ ପଥରେ ପାଥେୟ ସଦୃଶ ଏହାର ତୁଳନା ହିଁ ନାହିଁ । ଏଥିରେ ସଂଯୋଜିତ କ୍ଷୁଦ୍ରାବୟବ ଆଧ୍ୟାତ୍ମିକ ନିବନ୍ଧର ସଫଳ ପଠନ ଦ୍ୱାରା ଆଧ୍ୟାତ୍ମିକ ଜ୍ଞାନ ପଥ ଉନ୍ମୋଚିତ ହେବା ଯେପରି ସମ୍ଭବ, ସଫଳଆଚରଣ ଦ୍ୱାରା ସାଧନା ପଥର ବହୁ ବାଧାବନ୍ଧର ଅପସାରଣ ମଧ୍ୟ ସେହିପରି ସହଜ । ''ଚରମ''ର ପଞ୍ଚମ ମର୍ତ୍ତ୍ୟାବତରଣ ବିଶେଷାଙ୍କ : ''ଚରମ'' : ପଞ୍ଚମପୁଷ୍ପ : ପ୍ରଥମ ପାଖୁଡ଼ା : ବିଂଶ ତମ ସଂଖ୍ୟାରେ ଆମର ଅର୍ଘ୍ୟ :

## ଆଜ୍ଞା / ଅନୁଜ୍ଞା / ଆଦେଶ / ନିର୍ଦ୍ଦେଶ

**ଆ**ଧ୍ୟାତ୍ମିକ ଜଗତରେ, ଧର୍ମରାଜ୍ୟରେ ବା/ଓ ପରମାର୍ଥ ପଥରେ ଶିଷ୍ୟ ସର୍ବଦା ଶ୍ରୀଗୁରୁ, ଶ୍ରୀଗୁରୁସ୍ୱାମୀଙ୍କର ଶ୍ରୀମୁଖରୁ ଅନେକସ୍ଥଳରେ ସ୍ୱତଃ ଆଜ୍ଞା, ଅନୁଜ୍ଞା, ଆଦେଶ ଏବଂ ନିର୍ଦ୍ଦେଶ ପାଏ, ପାଉଛି ମଧ୍ୟ । ଶ୍ରୀଗୁରୁସ୍ୱାମୀ ସ୍ୱତଃ ସନ୍ତୁଷ୍ଟ ହୋଇ ଶିଷ୍ୟ, ଭକ୍ତ ଅନୁଗତଙ୍କୁ ଏପରି ଆଜ୍ଞା, ଆଦେଶ, ଉପଦେଶ ଦେଲେ; ଶିଷ୍ୟ, ଭକ୍ତ,ଅନୁଗତ ନିଜ ଜନ୍ମ ଓ ଜୀବନକୁ ଧନ୍ୟମଣି ତାହା ଅକ୍ଷରେ ଅକ୍ଷରେ ନିଷ୍ଠା ଓ ତ୍ୟାଗର ସହିତ ପାଳନ କରିବା ହିଁ ସର୍ବୋତ୍ତମ ସାଧନା ବୋଲି ବିବେଚନା କରାଯାଏ । ଶ୍ରୀଗୁରୁସ୍ୱାମୀଙ୍କର ଶ୍ରୀମୁଖରୁ ସ୍ୱତଃ ଏପରି ଆଦେଶନିର୍ଦ୍ଦେଶ ପାଇବା ପରେ ଶିଷ୍ୟ ବା ଭକ୍ତ ଯଦି ତାହା ଯଥାର୍ଥ ଅର୍ଥରେ ପାଳନ କରେ ନାହିଁ ବା ଖାମଖିଆଲି ଭାବରେ ପାଳନ କରି ଅଧାପନ୍ତରିଆ କରି ଛାଡ଼ିଦିଏ, ତେବେ ଫଳତଃ ତାହାର ଉପସିଦ୍ଧି ହୁଏ ନାହିଁ ଏବଂ ସଞ୍ଚିତ ତପଶକ୍ତି କ୍ରମଶଃ ହ୍ରାସ ହୋଇ ଶେଷରେ ଶୂନ୍ୟ ହିଁ ଅବଶେଷ ରହେ ।''

**ପୁ**ଣି କ୍ଷଣିକ ଭାବାବେଶରେ ଅଧିର ହୋଇ ଶିଷ୍ୟ, ଭକ୍ତ, ଅନୁଗତ ଶ୍ରୀଗୁରୁସ୍ୱାମୀଙ୍କ ଠାରୁ ଆଜ୍ଞା, ଅନୁଜ୍ଞା, ଆଦେଶ, ନିର୍ଦ୍ଦେଶ, ଉପଦେଶ ଆଦି ଭିକ୍ଷା କରି ବସେ । ଏହାର ଯଥେଷ୍ଟ ଉଦାହରଣ ସଚରାଚର ଦେଖାଯାଏ, ଏବେ ମଧ୍ୟ ଦେଖାଯାଉଛି । ଏପରି ଆଦେଶ ନିର୍ଦ୍ଦେଶ ଭିକ୍ଷା କରି ବସୁଥିବା ଶିଷ୍ୟ ବା ଭକ୍ତ ଜାଣେନା ଯେ, ଥରେ ଶ୍ରୀଗୁରୁସ୍ୱାମୀଙ୍କ ଶ୍ରୀମୁଖରୁ ଆଦେଶ ନିର୍ଦ୍ଦେଶ ଖସି ଆସିଲେ, ତାହା ପୁଣିଥରେ ଫେରି ପାରେନା । ଫଳରେ ଆଦେଶ ଭିକ୍ଷୁ ଶିଷ୍ୟ ପକ୍ଷରେ ତାହା ପାଳନ କରିବା ଆମରଣ ବାଧ୍ୟତାମୂଳକହିଁ ହୋଇଯାଏ । ଏହି ଶ୍ରୀଗୁରୁଙ୍କ ମୁଖନିଃସୃତ ଆଦେଶ ନିଷ୍ଠା ଓ ତ୍ୟାଗର ସହିତ ଠିକ୍ ଠିକ୍ ଭାବରେ ପରିପାଳନ ନକଲେ, ଶିଷ୍ୟ ବା ଭକ୍ତ ଗୁରୁଦ୍ରୋହ ପାପରେପାପୀ ହୋଇ ସାଂସାରିକ ନାନାଦି ଦୁର୍ବିପାକ ମଧ୍ୟରେ ଘାଣ୍ଟିହୁଏ ଓ ଏହାଦ୍ୱାରା ଭୟଙ୍କର ଅବସ୍ଥା ସୃଷ୍ଟି ହୁଏ । ଏଥିରେ ଶ୍ରୀଗୁରୁସ୍ୱାମୀଙ୍କର କୌଣସି କର୍ତ୍ତୃତ୍ୱ ନଥାଏ; କାରଣ ସେ ଶିଷ୍ୟ ବା ଭକ୍ତକୁ ଅଭିଶାପ ଦିଅନ୍ତି ନାହିଁ କି ପାପପଙ୍କରେ ପକାନ୍ତି ନାହିଁ ସତ, କିନ୍ତୁ ସୃଷ୍ଟିଚକ୍ରର ସୂତ୍ର ଅନୁଯାୟୀ ଏହି ଅବସ୍ଥା ସ୍ୱତଃ ସୃଷ୍ଟି ହୁଏ । ଏପରି ଦୁର୍ବିପାକରୁ ଶିଷ୍ୟ ବା ଭକ୍ତକୁ ରକ୍ଷା କରିବା ମଧ୍ୟ ସମୟ ସମୟରେ ତାଙ୍କ ପକ୍ଷରେ ଅସମ୍ଭବ ଅସମ୍ଭାଳ ହୋଇପଡ଼େ । ବିଡ଼ମ୍ବନା ଏହିଯେ, ଆମେ ଏ ରହସ୍ୟ ଏପର୍ଯ୍ୟନ୍ତ ବୁଝି ପାରୁନୁ କି ବୁଝିବାକୁ ସଚେଷ୍ଟ ମଧ୍ୟ ହେଉନାହିଁ ।

**ସ**ର୍ବାନ୍ତର୍ଯ୍ୟାମୀ ଶ୍ରୀଗୁରୁସ୍ୱାମୀ ଏହି ରହସ୍ୟକୁ ଜାଣି ଏକ ନିର୍ଦ୍ଦିଷ୍ଟ ବିଷାଦ/ବିପାକ/ଅମଙ୍ଗଳରୁ ଆମକୁ ରକ୍ଷା କରିବା ପାଇଁ ବେଳେବେଳେ ସ୍ୱତଃ ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ଦିଅନ୍ତି ଓ ପ୍ରତ୍ୟକ୍ଷ ଭାବରେ ନିର୍ଦ୍ଦିଷ୍ଟ ଆଦେଶ, ନିର୍ଦ୍ଦେଶ ଅନ୍ୟମାନଙ୍କୁ ଦିଅନ୍ତି ନାହିଁ ।

ଏପରି କରିବାର ପଶ୍ଚାତ୍‌ରେ ତାଙ୍କର ବିଶ୍ୱକଲ୍ୟାଣକାରୀ ମହତ ଉଦ୍ଦେଶ୍ୟ ନିହିତ ଥାଏ । ଆଦେଶ ପାଳନକାରୀ ଭକ୍ତ ବା ଶିଷ୍ୟ ବିଶ୍ୱର ଅନ୍ତର୍ଭୁକ୍ତ ହୋଇଥିବାରୁ ତଦ୍ୱାରା ତା'ର ମଙ୍ଗଳ ଓ କଲ୍ୟାଣ ମଧ୍ୟ ସ୍ୱତଃ ସାଧିତ ହୋଇଥାଏ ।। ମନେ ରଖିବା ଏକାନ୍ତ କର୍ତ୍ତବ୍ୟ ଯେ, ପ୍ରତ୍ୟେକ ପ୍ରସଙ୍ଗରେ ଆମର ଅନ୍ତର୍ନିହିତ ଭାବ ଓ ଭାବନାକୁ ଲକ୍ଷ୍ୟରେ ରଖି ଶ୍ରୀଠାକୁରେ ଆମର ମତାମତ ଗ୍ରହଣ କରନ୍ତି ଓ ତଦନୁଯାୟୀ ସମସ୍ୟାର ସମାଧାନ ଦିଅନ୍ତି ବା ଶଙ୍କାମୋଚନ କରନ୍ତି । ତେଣୁ ଶିଷ୍ୟ ବା ଭକ୍ତ ଯେଉଁ ଭାବାବେଶରେ ଆଦେଶ ନିର୍ଦ୍ଦେଶ ଭିକ୍ଷା କରେ, ସେହି ଭାବକୁ ଗ୍ରହଣ କରି ଭାବଗ୍ରାହୀ ଆଦେଶ ଦିଅନ୍ତି ବା ଦେବାର ନଥିଲେ, ନୀରବ ରହନ୍ତି । କାରଣ ଏକଥା ସତ୍ୟ ଯେ, ଆମର ଭାବାବେଶ କ୍ଷଣସ୍ଥାୟୀ ହୋଇଥିବା ହେତୁ ଆଦେଶ ଗ୍ରହଣ କରିବା ପରେ ସମୟ କ୍ରମେ କର୍ମଯୋଗ ପାଳନରେ ନିଷ୍ଠା ଓ ତ୍ୟାଗର ଅଭାବରୁ ତାହା ଚିରସ୍ଥାୟୀ ହୋଇ ରହିପାରେନା । ଏହା ଫଳରେ ଭାବ କଟିଗଲେ, ଆଦେଶ ନିର୍ଦ୍ଦେଶର ସ୍ୱତଃ ଅବମାନନା ହୁଏ; ଗୁରୁ ଅବମାନନା ହେତୁ ଭୟଙ୍କର ବିପଦର ସୂତ୍ରପାତ ହୁଏ ।।

ତେଣୁ ଆମ ମତରେ କୌଣସି ଆଦେଶ, ନିର୍ଦ୍ଦେଶ ପାଇଁ ଶ୍ରୀ ଗୁରୁସ୍ୱାମୀଙ୍କ ସନ୍ନିଧାନରେ ଜିଦ୍ ନକରି କେବଳ ତାଙ୍କର ନିଜସ୍ୱ ନିଷ୍ପତ୍ତି ଉପରେ ହିଁ ନିର୍ଭର କରିବା ଏକାନ୍ତ ଶ୍ରେୟସ୍କର । ପୁଣି ତାଙ୍କ ଶ୍ରୀମୁଖରୁ ସ୍ୱତଃ ମିଳିଥିବା ଆଜ୍ଞା, ଅନୁଜ୍ଞା, ଆଦେଶ, ନିର୍ଦ୍ଦେଶ, ଉପଦେଶକୁ ନିଷ୍ଠା ଓ ତ୍ୟାଗର ସହିତ ଅକ୍ଷରେ ଅକ୍ଷରେ ପାଳନ କରିବା ବିଧେୟ ।।

❖❖❖

## "ମନ୍ଦାକିନୀ"

କ୍ଷେତ୍ର ଓ କ୍ଷେତ୍ରଜ୍ଞ ଉଭୟେ ଅନାଦି; ପ୍ରକୃତି ଆଉ ପୁରୁଷ । ପ୍ରକୃତି ହିଁ କର୍ମବୀଜ । ପ୍ରଳୟ କାଳରେ ପ୍ରକୃତି ପରଂବ୍ରହ୍ମଙ୍କ ମଧ୍ୟରେ ଲୁପ୍ତ ହୁଏ । ପରବର୍ତ୍ତୀ ସୃଷ୍ଟିରେ କ୍ରିୟାଶୀଳ ହୁଏ ।।

ମାୟାହିଁ ବ୍ରହ୍ମ-ଉପାସନାର ପ୍ରଧାନ ଉପକରଣ । ଯଥା :- ଶରୀର ରୂପକ ଦ୍ରବ୍ୟ ଶକ୍ତି, ହସ୍ତପଦାଦି ରୂପକ କ୍ରିୟାଶକ୍ତି ଏବଂ ହୃଦୟାଦି ରୂପକ ଜ୍ଞାନ ଶକ୍ତି । ସାତ୍ତ୍ୱିକ ଭାବରେ ଏ ସକଳ ହେଉଛନ୍ତି ଚୈତନ୍ୟମୟ ଦୈବୀଶକ୍ତି । ''ଗୀତା''ରେ ଏହାର ନାମ ''ତ୍ରିଗୁଣାତ୍ମିକା ମାୟା'' । ଏହି ମାୟା କବଳରୁ ନିସ୍ତାର ପାଇବା ସହଜ ନୁହେଁ । ଏକମାତ୍ର ଶ୍ରୀପତିଙ୍କ ଶରଣାଗତ ହେଲେ ଓ ତାଙ୍କର କୃପା ପ୍ରାପ୍ତ ହେଲେ ମାୟାନଦୀ ପାର ହୋଇ ପାରିବ ।।

ମାୟାର ଲୁଚକାଳି ଖେଳ ବୁଝିଗଲେ ଖୁବ୍ ଆନନ୍ଦ ଲାଗେ । ସେ ଜୀବର ପାଖେ ପାଖେ ଲୁଚି ରହିଛି, ଖେଳୁଛି, ଦେଖାଦେବ ବୋଲି ପ୍ରସ୍ତୁତ ହୋଇ ରହିଛି । ସେ ଚାହୁଁଛି ଜୀବ ତାକୁ ଖୋଜି ବାହାର କରୁ । ଜୀବର ଖୋଜିବାଟା ହିଁ ତା'ର ଆନନ୍ଦ । ଥରେ ଧରାପଡ଼ିଗଲେ ଜୀବ ମଧ୍ୟ ଆନନ୍ଦରେ ଅଧୀର ହୋଇପଡ଼େ ।।




# ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!

''ଚଣ୍ଡି ଚାମଣ୍ଡା ଯେ ସଙ୍ଗେ ଗୋଡ଼ାଇବେ ଗହଗହ ନାଦ ହେବ ।
ମୋହ ଜନ୍ମଭୂମି ମହୁରା ଗ୍ରାମରେ ତ୍ରିବିଂଶରେ ଉଇଁଥିବ ॥
ଆରତ ନାଶନ ଆରତ ନାଶିବେ ପେଡ଼ିବେ ଭକ୍ତ କଷଣ ।
ଏକଥା ନିଶ୍ଚୟ ଦିନେକ ହୋଇ ଅପ୍ରତେ ନଯାଅ ରାମ ।''

ଦଶମ ନିର୍ଘଣ୍ଟ, ଶିବ କଳ୍ପ

''ହରି ହରି ବୋଲ ଶବଦ ଫେରିବ
କମ୍ପିଯିବ ଚାରିଦ୍ୱାର
ପଞ୍ଚସଖା ଯହିଁ ଗଡ଼ ବାନ୍ଧିଥିବେ
ଚନ୍ଦ୍ର ସୂର୍ଯ୍ୟ ଅଗୋଚର ।''

—ମହାପୁରୁଷ ଅଚ୍ୟୁତାନନ୍ଦ

''ପଞ୍ଚସଖା ଯୁଗର ସମସ୍ତ ଲୋକପ୍ରିୟ ମଧ୍ୟରେ ''ମାଳିକା ସାହିତ୍ୟ' ଓଡ଼ିଶାର ସାରସ୍ୱତ ଆକାଶରେ ସ୍ୱତନ୍ତ୍ରତା ଦାବି କରେ । ପଞ୍ଚସଖା ମଧ୍ୟରୁ ପ୍ରତ୍ୟେକେ ଜଣେଜଣେମହାନ୍ ସିଦ୍ଧ ପୁରୁଷ ଥିଲେ । ସେମାନେ ସିଦ୍ଧିର ଚରମ ସୀମାରେଉପନୀତ ହୋଇଥିଲେ । ଯୋଗବଳରେ ଦେଶ, ଜାତି ଏବଂସମାଜର ଭବିଷ୍ୟତ ପୁଙ୍ଖାନୁପୁଙ୍ଖ ଜାଣି ପାରୁଥିଲେ । ଯୋଗଶକ୍ତିବଳରେ ସୂକ୍ଷ୍ମ ଦର୍ଶନରେ ଉପଲବ୍ଧି କରିଥିବା ତାତ୍ତ୍ୱିକ ଅବସ୍ଥା ମାଳିକା ସାହିତ୍ୟର ଛତ୍ରେ ଛତ୍ରେ ଲିପିବଦ୍ଧ କରିଯାଇଛନ୍ତି । ତନ୍ମଧ୍ୟରୁ ଏଠାରେ ମହାପୁରୁଷ ଅଚ୍ୟୁତଙ୍କ ବିରଚିତ ''ଶିବକଳ୍ପ''ରୁ ଉଦ୍ଧୃତାଂଶ ଦିଆଯାଇଛି ।''

ଶିବକଳ୍ପ' : ତ୍ରୟୋଦଶ ନିର୍ଘଣ୍ଟରୁ ଉଦ୍ଧୃତ :

ଶୁଣ ରାମଚନ୍ଦ୍ର କହୁଛି ମୁହିଁ ।
କଳି ଆଗତ ଜାଣିବୁ ଯେଠାଇଁ ॥
ସତର ତେର ତେର ଚାରି ଲେଖ ।
ରତୁ ଓଲଟାଇ ଲେଖିଣ ଶିଖ ॥
ବିନ୍ଦୁ ବସାଇ ପଞ୍ଚମାତ୍ରା ଦିଅ ।
କାଳରେ କାଳ ପୂଣିକରି ଥୁଅ ॥
ଜନ୍ମ ଭକ୍ତ ହେବେ ଅପାରୁ ପାର ।
ଅପ୍ରୀତି ହେବେ ସଂସାର ଲୋକର ॥
ଦୁଷ୍ଟ ଜନଙ୍କୁ ଭୟ କରୁଥିବେ ।
ଶାକ କନ୍ଦମୂଳେ ଦିନ ବଞ୍ଚିବେ ॥
ବିନ୍ଦୁ ସ୍ଥାପି ବିନ୍ଦୁ ଊର୍ଦ୍ଧ୍ୱରେ ଦିଅ ।
ବିସର୍ଗକୁ ବିକି ଅଧେ ଲିଭାଅ ॥
ବାମ ଦକ୍ଷିଣରୁ ପେଟକୁ ଜିକି ।
ନାମ ଯେତେହେବ ଦେବ ତ୍ରିଶୂଳି ॥
ମୋଗଲ ପଠାଣ ରାଜୁତି ନେବ ।
ପ୍ରଜାପିଡ଼ା ମହରଗ ହୋଇବ ॥
ଭିକ୍ଷାସୀମାନଙ୍କୁ ଦଣ୍ଡିବ ଦଣ୍ଡ ।
ଦେବ ଭୂମି ହରି ହେବ ପ୍ରଚଣ୍ଡ ॥

ସାଧୁଶାଳା ଧର୍ମଶାଳାରେ ପୁଣି
ଟିକସ ଆଦାୟ କରିବ ଜାଣି ॥
ଶ୍ରୀକ୍ଷେତ୍ରରୁ ହାଣ୍ଡି ଆପଣେ ନେବ ।
ଅତିଥି ଶବଦ ବୁଡ଼ାଇ ଦେବ ॥
ତା' ଅନ୍ତେ ମରହଟ୍ଟା ରାଜୁତି ହେବ ।
ଜୟଚନ୍ଦ୍ର ଆଇନ ଫେରାଇବ ॥
ପର୍ବତ ଗୁହାରେ ବୁଲିବ ଯାଇ ।
ସନ୍ୟାସୀ ଭକ୍ତଙ୍କୁ ଖୋଜିବ ସେହି ॥
ଶିଖିବ ଶାହାସ୍ତ୍ର ପୁରାଣ କଥା ।
ସ୍ଥାପିବ ଦେଉଳ ଧର୍ମ ଦେବତା ॥
ଫିରିଙ୍ଗି ରାଜୁତି ହୋଇବା ବେଳେ ।
ଦେବ ଧର୍ମ ବୃହସ୍ପତିର ବଳେ ॥
ଯିବା ଆସିବା କେହି ନଜାଣିବ ।
ନିଶା ଅର୍ଦ୍ଧେ ଆସି ସ୍ୱଧର୍ମେ ଯିବ ॥
ରାଜ୍ୟେ ରାଜ୍ୟେ ତା'ର ଅଙ୍କ ଚାଲିବ ।
ଗୁପତ ରାଜୁତି କେ ନଜାଣିବ ॥
ପୁଣ୍ୟକାଳ ଘେନି ଉଦୟ ସେହି ।
ଏକଛତ୍ର ରାଜା ହୋଇବ ମହୀ ॥

ଉଦ୍ଧୃତାଂଶର ସରଳ ବ୍ୟାଖ୍ୟା ''ଚରମ''ର ଏହି ସଂଖ୍ୟାର 'ରତ୍ନବେଦୀ'୩୦ପୃଷ୍ଠାରେ ପଢ଼ିବାକୁ ପାଇବେ



# ପୁରାଣ ପୃଷ୍ଠାରୁ

ଓଡ୍ରରାଷ୍ଟ୍ର-କୃଷ୍ଣ ଦ୍ୱୈପାୟନ ବ୍ୟାସ : ସାରଳାଦାସ । ଓଡ଼ିଆ ପୁରାଣ ସାହିତ୍ୟର ଆଦ୍ୟ ସ୍ଥପତି, ଆଦିକବି । ବହୁମୁଖୀ ପ୍ରତିଭାଧର ଶାସ୍ତ୍ରବେତ୍ତା ଭାରତୀ ବ୍ୟୋଷ୍ଠସୁତ : ସାରଳା ଦାସ । ଏକଦା ବୀର ଓଡ଼ିଆ ଜାତିର ପ୍ରାଜ୍ଞିକ ଶୂଦ୍ରମୁନି ଥିଲେ ଜାତୀୟ-ନିର୍ବାଣ ବର୍ତ୍ତିକାର ମଶାଲଧାରୀ । ଦ୍ୱୈପାୟନୀ ମନ୍ତ୍ର ଦୀକ୍ଷିତ ଉତ୍କଳବ୍ୟାସ ସାରଳା ଏକାଧାରରେ ଆଦିକବି, ଐତିହାସିକ ଏବଂ ଉତ୍କଳୀୟ ସ୍ୱାଧୀନ ବୈପ୍ଳବିକ ଚେତନାର ଅଧିକାରୀ । ତାଙ୍କ ରଚିତ ଗ୍ରନ୍ଥ ସମୂହ ଐତିହାସିକ ପଟ୍ଟଭୂମି ଉପରେ ଆଧାରିତ ଓ ପ୍ରତିଷ୍ଠିତ । ସାରଳା ମହାଭାରତ ତା'ର ବିଶାଳ ସୃଷ୍ଟି ସଂପଦ ପାଇଁ ପ୍ରଖ୍ୟାତ । ଓଡ଼ିଆ ଜାତିର ମାନସିକ ଭାବଧାରାର ପ୍ରତିଫଳନ ଏଥିରେ ନିର୍ଦ୍ଦେଶିତ ॥

ଏସବୁ ସତ୍ତ୍ୱେ ପୌରାଣିକ ଆଖ୍ୟାୟିକାର ଅନ୍ତରାଳରେ ସଂଗୋପନରେ ଥିବା ଯୋଗମାର୍ଗର ଯୌଗିକ କ୍ରିୟା ସକଳ ପୁରାଣ ଅଧ୍ୟୟନର ଏକ ନବୀନ ଅଧ୍ୟାୟ ଉନ୍ମୋଚନ କରେ । ଏହି ପରିପ୍ରେକ୍ଷୀରେ ''ଚରମ''ର ପଞ୍ଚମ ମର୍ତ୍ତ୍ୟାବତରଣ ସଂଖ୍ୟା : ''ଚରମ'' : ପଞ୍ଚମପୁଷ୍ପ : ପ୍ରଥମ ପାଖୁଡ଼ା : ବିଂଶତମ ସଂଖ୍ୟା : ରେ ଆମର ଆବେଦନ :—

## ଶୂଦ୍ରମୁନି ଶାରଳା ଦାସକୃତ ''ମହାଭାରତ''... ''ମଧ୍ୟପର୍ବ''

**ମୃଢ଼ାସୁରର ଏକୋଇଶବାର ସ୍ୱର୍ଗ ଆକ୍ରମଣ ଓ ବିନାଶ :**

ଗିରିଜାତନୟ ଗଣାଧିପତି ଗଣନାଥଙ୍କୁ ନିଜର କଠୋର ନିଷ୍ଠା, ଏକାଗ୍ରତା ଓ ସାଧନା ବଳରେ ସନ୍ତୁଷ୍ଟ କରି ପ୍ରବଳ ପରାକ୍ରମୀ ମୃଢ଼ାସୁର ଅଜେୟ, ବଜ୍ରାଙ୍ଗ ବର ଲାଭ କରିଥିଲେ । ଶ୍ରୀଗଣେଶଙ୍କ ବର ପ୍ରଭାବରେ ତାଙ୍କର ତନୁ ଅମର ହୋଇଗଲା । ମୁଣ୍ଡ କଟିଗଲେ କିମ୍ବା ବୁକୁ ଫାଟିଗଲେ ମଧ ଦୈତ୍ୟରାଜଙ୍କର ମୃତ୍ୟୁ ହେବ ନାହିଁ ବୋଲି ଆଶୀର୍ବାଦ ଦେଇଦେଲେ । ମାତ୍ର କେବଳ ସୁରବୈଦ୍ୟ ଅଶ୍ୱିନୀକୁମାରଙ୍କ ପୁତ୍ର ହସ୍ତରେ ଅଗ୍ନି ଶରରେ ଶରୀର ଦହନ ହୋଇଯିବ ବୋଲି ମୃତ୍ୟୁ ଭେଦ କହିଦେଲେ ।

ଉକ୍ତ ମହାଶକ୍ତି ବରରେ ବଳୀୟାନ ହୋଇ ରାକ୍ଷସପତି ପ୍ରବଳ ଅତ୍ୟାଚାରୀ, ହିଂସ୍ରକ ଓ ବ୍ୟଭିଚାରୀ ହୋଇଗଲେ । ଗୁରୁ, ବ୍ରାହ୍ମଣ, ଋଷି ଓ ଦେବକୁଳକୁ ନାନା ପ୍ରକାର ଅକଥନୀୟ ଯନ୍ତ୍ରଣା ଦେବାକୁ ଲାଗିଲେ । ତାଙ୍କର ପଦଭାର ସହ୍ୟ କରି ନ ପାରି ଧରିତ୍ରୀଙ୍କର ମୁଖରୁ ରୁଧିର ନିର୍ଗତ ହେବାକୁ ଲାଗିଲା । ଧରିତ୍ରୀଙ୍କର ଆକୁଳ ନିବେଦନ ଶୁଣି ମଧ ଦେବଗଣ ଅସହାୟ ହୋଇ ରହିଲେ ।

କ୍ରମଶଃ ଦୈତ୍ୟପତିଙ୍କର ସଂକଳ୍ପ ଓ ଜିଦ୍ ଦୃଢ଼ରୁ ଦୃଢ଼ତର ହେବାକୁ ଲାଗିଲା । ଏକମାତ୍ର ଲକ୍ଷ୍ୟ ସୁରପତି ଇନ୍ଦ୍ରଙ୍କୁ ପରାସ୍ତ କରି ପିତୃହତ୍ୟାର ପ୍ରତିଶୋଧ । ମକରସଂକ୍ରାନ୍ତି ତିଥିରେ ସ୍ୱର୍ଗ ଆକ୍ରମଣ କରିବାର ମନସ୍ଥ କରି ମନ୍ତ୍ରୀ କୃପାଳୁଙ୍କର ପରାମର୍ଶ ଲୋଡ଼ନ୍ତେ ମନ୍ତ୍ରୀବର ସେଥିରୁ କ୍ଷାନ୍ତ ହେବାକୁ ଉପଦେଶ ଦେଲେ । ମନ୍ତ୍ରୀଙ୍କର ଉପଦେଶ ଗ୍ରହଣ କରି ଯୁଦ୍ଧରୁ

ନିବୃତ୍ତ ହେଲେ । ଏହାପରେ ମକରମାସର ଊନବିଂଶ ଦିବସ ପରେ ଶ୍ରବଣା ନକ୍ଷତ୍ର ଯୁକ୍ତ ମକର ଚନ୍ଦ୍ରଯୋଗରେ ରାକ୍ଷସ ପତି ଯୁଦ୍ଧଯାତ୍ରା ଆରମ୍ଭ କଲେ । ଦେବଗଣ ଭୟଭୀତ ହୋଇ ନାରଦ ମୁନିଙ୍କୁ ପଠାଇଲେ । ନାରଦ କୌଶଳ କ୍ରମେ ଦୈତ୍ୟରାଜଙ୍କୁ ବାହୁଡ଼ାଇ ଦେଲେ । ଏହାପରେ ପୁନର୍ବାର ଇଷ୍ଟଦେବ ଗଣପତିଙ୍କୁ ପୂଜା ଆରାଧନା କରି ଚୈତ୍ର ଶୁକ୍ଳ ଦଶମୀତିଥି ମଘା ନକ୍ଷତ୍ର ସିଂହଚନ୍ଦ୍ର, ବାଣିଜ୍ୟ ନାମେ କରଣ, ଶୂଳ ନାମେ ଯୋଗ, ମୀନ ସଂକ୍ରାନ୍ତି ବୁଧବାର ଦିନ ମହାପରାକ୍ରମ ସହ ଯୁଦ୍ଧଯାତ୍ରା କରି ଅମରପୁରକୁ ଧ୍ୱସ୍ତବିଧ୍ୱସ୍ତ କରି ପକାଇଲେ । ଇନ୍ଦ୍ରସୁତ ଅଙ୍ଗାରପନଗଙ୍କୁ ବନ୍ଦୀକରି ସ୍ୱର୍ଗ ଜୟ କଲେ । କିନ୍ତୁ ସୁରପତି ଇନ୍ଦ୍ର ଆତ୍ମଗୋପନ କରିବାରୁ ତାଙ୍କୁ ବନ୍ଦୀ କରି ପାରିଲେ ନାହିଁ । ଦିନକୁ ଦିନ ଇନ୍ଦ୍ର ଚିନ୍ତା ତାଙ୍କୁ ଘାଇଲା କରି ପକାଇଲା । କ୍ରମାଗତ କୋଡ଼ିଏ ବାର ସ୍ୱର୍ଗ ଯାତ୍ରା କରି ନିରାଶ ହେଲେ ।


ଏପଟେ ସୁରଗଣ ମଧ୍ୟ ଅଥୟ ହୋଇ ଉଠିଲେ । ମୃଡ଼ାସୁରଙ୍କୁ ପରାସ୍ତ କରିବାର କୌଣସି ପଥ ସେମାନଙ୍କୁ ଦିଶିଲା ନାହିଁ । ଶେଷରେ ବେଦପତି ବ୍ରହ୍ମାଙ୍କ ଅନୁରୋଧରେ ଦେବଗୁରୁ ବୃହସ୍ପତି ଅସୁରର ମୃତ୍ୟୁ ଭେଦ ପ୍ରକାଶ କଲେ ଓ ମାତଳୀଙ୍କୁ ପଠାଇ ଅଶ୍ୱିନୀକୁମାରଙ୍କ ବୀର୍ଯ୍ୟରୁ ପଣ୍ଡୁରାଣୀ ମାଦ୍ରୀଙ୍କ ଗର୍ଭରୁ ଜନ୍ମ ନେଇଥିବା କୁମାର ନକୁଳଙ୍କୁ ଆଣିବାକୁ ପରାମର୍ଶ ଦେଲେ । ସୁରଗଣ ଆନନ୍ଦ ଉଲ୍ଲସିତ ହୋଇ ନକୁଳଙ୍କୁ ଅପେକ୍ଷା କରି ରହିଲେ ।

ରାକ୍ଷସରାଜ ଶେଷଚେଷ୍ଟା କରି ବୈଶାଖ ଶୁକ୍ଳପକ୍ଷ ଦଶମୀତିଥି, ବୃହସ୍ପତିବାର, ପୂର୍ବାଫାଲ୍‌ଗୁନି ନକ୍ଷତ୍ର, ନିଧନ ତାରା, ମକର ଲଗ୍ନରେ ସ୍ୱର୍ଗ ଆକ୍ରମଣ କଲେ । ଦେବ ସୈନ୍ୟଙ୍କୁ ଅଥୟ କରି ପକାଇଲେ । ଏହିସମୟରେ ମାତଳୀ ନକୁଳଙ୍କୁ ନେଇ ଅସୁରରାଜଙ୍କ ସମ୍ମୁଖରେ ଉପସ୍ଥିତ କରାଇଲେ । ଉଭୟଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହେଲା । ନକୁଳ ହତାଶ ହୋଇଗଲେ । ଶେଷରେ ମାତଳୀ ନକୁଳଙ୍କୁ ପରାମର୍ଶ ଦେଲେ ମନ୍ତ୍ରପୂତ କରି ଅଗ୍ନିଶର ପ୍ରୟୋଗ କରିବା ପାଇଁ । ତଦନୁଯାୟୀ ନକୁଳ ଅଭିମନ୍ତ୍ରଣ କରି କୋଟି ସୂର୍ଯ୍ୟସମ ତେଜ ଧାରଣ କରିଥିବା ଅଗ୍ନିଶର ନିକ୍ଷେପ କରନ୍ତେ ରାକ୍ଷସ ପତିଙ୍କର କଟିଦେଶରେ ଶସ୍ତ୍ର ଭେଦ କରି ଶରୀରକୁ କଟି ଠାରୁ ଦୁଇଭାଗ କରି ଭସ୍ମୀଭୂତ କରିଦେଲା । ମୃଡ଼ାସୁରଙ୍କର ପତନ ଘଟିଲା । ସୁରଗଣ ଆଶ୍ୱସ୍ତ ହେଲେ । ଧରିତ୍ରୀ ଶାନ୍ତ ହେଲେ ।




ଗଚ୍ଛାଂଶର ତାତ୍ତ୍ୱିକ ବ୍ୟାଖ୍ୟା ''ରତ୍ନବେଦୀ''ର ୩୨ ପୃଷ୍ଠାରେ ପତ୍ରସ୍ଥ ହୋଇଅଛି ॥

# ମୋହ



## ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

**"ମୋହ"** -ରାଗ ପରିପକ୍ୱ ହେଲେ ତହିଁରୁ ଅନୁରାଗ ଜାତ ହୁଏ । ଅନୁରାଗ ଶ୍ରୀଗୁରୁଙ୍କ ପ୍ରତି କ୍ରମପର୍ଯ୍ୟାୟରେ ଆଗେଇ ନଗଲେ, ତାହା ବିପରୀତମୁଖୀ ହୋଇଥାଏ ।ଏହି ଅବସ୍ଥାରେ ଜୀବର ଅନ୍ତଃକରଣରେ ଆସକ୍ତିର ସୂକ୍ଷ୍ମବୀଜ ସୃଷ୍ଟିହୋଇ ଥାଏ । ସ୍ଥୂଳ ବିଷୟଭୋଗର କାମନାବାସନାରେ ଜୀବର ତନୁମନ ପତିତ ହେଲେ ହିଁ ଆସକ୍ତି ପରିପକ୍ୱ ହୋଇ ମୋହଗ୍ରସ୍ତ ହୁଏ । ଜୀବ ବିଷୟାଭୋଗରେ ମୋହଗ୍ରସ୍ତ ଅବସ୍ଥାରେ ପଡ଼ି ଜଂଜାଳର ଭଉଁରୀରେ ଇତସ୍ତତଃ, ବ୍ୟସ୍ତ, ବିବ୍ରତ ହୋଇ ବାଞ୍ଛିତ ଫଳ ଲାଭ କରି ନପାରି ହତାଶ ହୁଏ । ହତାଶ ଓ ନିରାଶାର ଘନ ଅନ୍ଧକାର ମଧ୍ୟରେ ପଥହରା ହୋଇ ଇହକାଳ ପରକାଳକୁ ନଷ୍ଟକରେ । ଯୋଗ ସାଧନାଭ୍ରଷ୍ଟ ହୋଇ ଜନ୍ମମୃତ୍ୟୁର ଚକ୍ରରେ ଆବଦ୍ଧ ହୋଇ ରହେ । ତେଣୁ, ସାଧନା ପାଇଁ ".ମୋହ" ସଂପର୍କରେ ଜ୍ଞାନର ଆବଶ୍ୟକତା ଅଛି ।

## 'ଚରମ' ଊନବିଂଶ ସଂଖ୍ୟା ଉତ୍ତାରୁ : ବ୍ୟକ୍ତ ମୋହ

'**ବ୍ୟ**କ୍ତମୋହ' ସମ୍ବନ୍ଧରେ ସତ୍ୟଯୁଗରେ ରାଜା ଶ୍ରୀବତ୍ସ ଏବଂ ଗୁରୁଦେବ ଧୂର୍ଜଟିଙ୍କ ଆଖ୍ୟାୟିକା ବର୍ଣ୍ଣନା ପ୍ରସଙ୍ଗରେ ପରମ ଦୟାଳୁ ଦୀନଦରଦୀ କୃପାଳୁ ଠାକୁରେ ଅନୁଗତ ଜିଜ୍ଞାସୁ ଶିଷ୍ୟକୁ କହନ୍ତି :—

**ଶ୍ରୀ ଶ୍ରୀ ଠାକୁର ଉବାଚ :**

**ଶୁଣ ହୋ ଦେଇ ଧ୍ୟାନ ବତ୍ସା ଗୁରୁଙ୍କୁ ବୋଲନ୍ତି ଶ୍ରୀବତ୍ସ ।।**

**ଗୁ**ରୁ ଧୂର୍ଜଟି ଆପଣା ମନ ଅସ୍ଥିର ହେବାରୁ ଧ୍ୟାନାସନରେ ବସି ଅସ୍ଥିର ମନର କାରଣ ଶିଷ୍ୟ ଶ୍ରୀବତ୍ସ ବୋଲି ଜାଣିବାପରେ, ରାଜା ଶ୍ରୀବତ୍ସଙ୍କ ପାଖରେ ଉଭା ହୋଇ **କହିଲେ : ବତ୍ସ !** ମନଦୁଃଖ ନକରି ଆମେ ଯାହା ପଚାରୁଛୁ ତାହା ଆମ ଆଗରେ ପ୍ରକାଶ କର । କୌଣସି କଥା ବା ଚିନ୍ତା ଗୋପନ ରଖ ନାହିଁ । ତୁମେ ପ୍ରତ୍ୟହ ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରି ଶୁଚୀମନ୍ତ ଭାବେ ପ୍ରଭାତରେ ଲକ୍ଷେବାର ପବିତ୍ର ଗାୟତ୍ରୀ ମନ୍ତ୍ର ଜପକରି ସାଧନାରେ ରତ ଅଛତ ? ଶ୍ରୀଗୁରୁଙ୍କର ଉପସ୍ଥିତି ଏବଂ ଏତାଦୃଶ ପ୍ରଶ୍ନରେ ବିବ୍ରତ ହୋଇରାଜା କହିଲେ :

ଶ୍ରୀବତ୍ସ ଉବାଚ :

**ଭୋ ପ୍ରଭୋ ! କରୁଣା ସାଗର । ବାରେକ ମୋତେ କ୍ଷମା କର ।।**
**ଦୀକ୍ଷାନ୍ତେ ଆପଣଙ୍କ କଥା । ପାଳିଲି ନତ କରି ମଥା ।।**
**ସାଧନ କଲି ଶିକ୍ଷା ମତେ । ବିତିଲା ସମୟ ଏମନ୍ତେ ।।**
**ଦିନେ ମୋ ମତି ଭ୍ରମ ହେଲା । ପିତୃ ଆଦେଶ ନ ଟଳିଲା ।।**
**ପିତାଙ୍କ ଆଦେଶରେ ତେଣୁ । ବ୍ରହ୍ମ ଗାୟତ୍ରୀ ଯଜ୍ଞ ଏଣୁ ।।**
**ବିଧି ସମ୍ମତେ ଆଚରିଲି । ଗୁରୁ ଆଦେଶ ମୁଁ ଭୁଲିଲି ।।**

ହେ ପରମ କୃପାଳୁ ଗୁରୁଦେବ ! ଏହି ଥରକ ମାତ୍ର ମୋତେ କ୍ଷମା କରନ୍ତୁ । ରାଜା ଶ୍ରୀବତ୍ସ ଗୁରୁଙ୍କ ନିକଟରେ କିଛି ଗୋପନ ନରଖି ପିତାଙ୍କ କଥାରେ ପ୍ରଭାବିତ ହୋଇ ଗୁରୁବାକ୍ୟ ଲଙ୍ଘନ କରିଛନ୍ତି ବୋଲି ସ୍ୱୀକାର କରିଥିଲେ ଏବଂ ଭବିଷ୍ୟତରେ ଆଉ ଏପରି କେବେ କରିବେ ନାହିଁ ବୋଲି ଗୁରୁଙ୍କ ନିକଟରେ ବଚନବଦ୍ଧ ହୋଇ କ୍ଷମାଭିକ୍ଷା କରିଥିଲେ । ବ୍ୟକ୍ତ ମୋହରେ ପଡ଼ିଥିବାରୁ ରାଜା ଶ୍ରୀବତ୍ସ ଜାଣିଶୁଣି ଭୁଲ୍ କରିଥିଲେ ମଧ ସତ୍ୟକୁ ଲୁଚାଇ ମିଥ୍ୟାଛଳନାର ଆଶ୍ରୟ ନେଇ ନଥିଲେ । ଗୁରୁଙ୍କଠାରେ ଆପଣା କୃତକର୍ମର ସତ୍ୟକଥା ସ୍ପଷ୍ଟବ୍ୟକ୍ତ କରି ଅନୁତପ୍ତ ହୋଇ କ୍ଷମା ପ୍ରାର୍ଥନା କରିଥିଲେ ।

ବ୍ୟକ୍ତମୋହରେ ପଡ଼ିଥିଲେ, ପ୍ରାଣୀ ଭୁଲ୍ କଲେ ତା' ଗୁରୁଙ୍କ ଠାରେ ନ ଲୁଚାଇ ବା ଛଳନା କପଟ ନକରି ସତ୍ୟକଥା ବ୍ୟକ୍ତ କରିଥାଏ । ପ୍ରାଣୀ ବାରମ୍ବାର ବ୍ୟକ୍ତ ମୋହରେ ପଡ଼ିଲେ, ଗୁର୍ବାଗଂଜନ ଦୋଷରୁ ତା'ର ସ୍ମରଣଶକ୍ତି କ୍ରମଶଃ ନଷ୍ଟ ହୋଇଯାଏ ଏବଂ ତା'ର ନିଷ୍ଠା ଓ ତ୍ୟାଗ ହ୍ରାସ ପାଇଥାଏ । ପ୍ରାଣୀର ଚୈତନ୍ୟଶକ୍ତି ମଧ ସୁପ୍ତ ହୋଇଯାଏ ।

**ଶ୍ରୀଶ୍ରୀ କେଶବଚନ୍ଦ୍ର ଉବାଚ :**

**ଏ ମୋହ ଚଇତନ୍ୟ ଶୀଳ । ଅଟଇ ଦୁଇଟି ପ୍ରକାର ।।**
**ଏକେ ହ୍ରାସଚିତ୍ତ ଚୈତନ୍ୟ । ଅଭିଷ୍ୟ ଚିତ୍ତ ଚୈତନ୍ୟ ।।**

ବ୍ୟକ୍ତ ମୋହର ଚୈତନ୍ୟଶୀଳ ଦୁଇ ପ୍ରକାର : (୧) ହ୍ରାସଚିତ୍ତ ଚୈତନ୍ୟ ଏବଂ (୨) ଅଭିଷ୍ୟଚିତ୍ତ ଚୈତନ୍ୟ ।

## ହ୍ରାସଚିତ୍ତ ଚୈତନ୍ୟ କ'ଣ ?


ବ୍ୟକ୍ତମୋହରେ ମୋହିତ ପ୍ରାଣୀ ସାଧନ ପଥରୁ ଚ୍ୟୁତ ହୋଇ ଜଗତର ବିଭିନ୍ନ ଦିଗକୁ ଆକର୍ଷିତ ହୋଇ ଲକ୍ଷ୍ୟ ପଥରୁ ନିଜକୁ ବିଚ୍ୟୁତ କରି ଚିତ୍ତଗୃହରେ କୌଣସି ମଂଜି ତୋଳିପାରେ ନାହିଁ । ପ୍ରାଣୀ ଏହାଦ୍ୱାରା ଅଚେତନ ହୋଇ ରହିଯାଏ, ମାତ୍ର ନିଜେ ନିଜକୁ ସଦା ଚୈତନ୍ୟଶୀଳ ବୋଲି ବାରମ୍ବାର ବହୁ ଲୋକଙ୍କୁ ଦେଖାଇ ଶୁଣାଇ ଆପଣା ଆପେ (ତାଙ୍କୁ ନ ପଚାରିଲେ ମଧ) କହି ବୁଲି ବୃଥା ଆସ୍ଫାଳନ କରେ । ଫଳତଃ, ପ୍ରାଣୀ ବାରମ୍ବାର ଏହି ମୋହରେ ପଡ଼ି ଜାଣିଶୁଣି ଭୁଲ୍ କରେ । ତାହାର ସ୍ମରଣଶକ୍ତି ନଷ୍ଟ ହୋଇଯାଏ । ଫଳରେ, ମନ୍ତ୍ର ମନନର ଫଳ ଚିତ୍ତଗୃହରେ ସୃଷ୍ଟି ହୋଇପାରେ ନାହିଁ । ପ୍ରାଣୀ କ୍ରମେ କ୍ରମେ ଅଚେତନ ହୋଇଯାଏ । ତଦ୍ୱାରା ବ୍ୟକ୍ତମୋହ ପ୍ରବଳତର ହୋଇ ଗୁରୁବାକ୍ୟ ଲଂଘନ କରିବାକୁ ଶିଷ୍ୟର ଚିତ୍ତକୁ ଆକର୍ଷଣ କରିନିଏ ।।

## ଅଭିଷ୍ୟ ଚିତ୍ତ ଚୈତନ୍ୟ କ'ଣ ?

ହ୍ରାସ ଚିତ୍ତ ଚୈତନ୍ୟ ସାଧନାପଥର ବାଧକ ବା ପ୍ରତିବନ୍ଧକ ।ତା' ଦ୍ୱାରା ପ୍ରାଣୀ ଯୋଗ ଭ୍ରଷ୍ଟ ହୁଏ । ମାତ୍ର ଅଭିଷ୍ୟ ଚିତ୍ତ ଚୈତନ୍ୟ ପ୍ରାଣୀକୁ ଯୋଗଭ୍ରଷ୍ଟ କରେ ନାହିଁ ବା ଏହା ସାଧନା ପଥରେ ପ୍ରତିବନ୍ଧକ ହୁଏ ନାହିଁ । ଶ୍ରୀଗୁରୁଙ୍କର ଆଦେଶ ଉପଦେଶ ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟ ଠିକ୍ ଭାବରେ କରି ଚାଲିଲେ, ନାମ (ବୀଜ ମନ୍ତ୍ର ଜପ) ର ସୂକ୍ଷ୍ମବୀଜ ଚିତ୍ତଗୃହରେ ସୃଷ୍ଟିହୋଇ ଅଖଣ୍ଡ ଶାନ୍ତି ପ୍ରଦାନ କରିଥାଏ । ଯୋଗ ସାଧନାରେ ସିଦ୍ଧିଲାଭ ନିମନ୍ତେ ଏହା ଅତ୍ୟନ୍ତ ଆବଶ୍ୟକ । ଯେଉଁ ପ୍ରାଣୀ ବ୍ୟକ୍ତମୋହରେ ପଡ଼ି ଅଭିଷ୍ୟ ଚିତ୍ତ ଚୈତନ୍ୟ ଲାଭକରେ, ତାହାର ସାଧନ ଭଜନ ସ୍ୱୟଂକ୍ରିୟ ହୋଇଥାଏ / ହୋଇଯାଏ ।ଗୁରୁସ୍ୱାମୀଙ୍କ ଆଦେଶ ଲଂଘନ ନକରି ସକଳ କର୍ମ ଜଂଜାଳ ମଧରେ ବି ସମସ୍ୟାର ଆଳ ନଦେଖାଇ ସେ ପ୍ରତ୍ୟେକ କାର୍ଯ୍ୟ ସ୍ୱାଭାବିକ ଭାବରେ କରିଚାଲି ଥାଏ, ତେଣୁ ଚିତ୍ତ ଗୃହରେ ଚୈତନ୍ୟର ମଂଜି ସୃଷ୍ଟି ହୁଏ । ପ୍ରାଣୀର ଚିତ୍ତଗୃହରେ ଏକତ୍ରୀକରଣ ହେଉଥିବା ସଂଜ୍ଞା ବା ନାମ (ବୀଜମନ୍ତ୍ର) ର ସୂକ୍ଷ୍ମବୀଜ ସୃଷ୍ଟି ହୋଇ ଶ୍ରୀଗୁରୁସ୍ୱାମୀଙ୍କର ବାକ୍ୟ ବା ଆଦେଶ ପାଳନରେ ପ୍ରଗାଢ଼ ନିଷ୍ଠା ଜନ୍ମାଇଥାଏ । ଏହା ପ୍ରାଣୀକୁ ପ୍ରଗାଢ଼ ଆନନ୍ଦ ପ୍ରଦାନ କରିଥାଏ ।।

(କ୍ରମଶଃ)

# ଗରୁଡ଼ସ୍ତମ୍ଭ



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ :

''ନାରୀ ହୋଇ ନାରୀ- ଧର୍ମ ନ ପାଳିଲେ
ବୃଥା ଜନମ, ଜୀବନ ।
ଇହପର କାଳ ନଷ୍ଟଭ୍ରଷ୍ଟ ହୋଇ
ପ୍ରଳୟ ହୁଏ ଭୁବନ ।।''

*ନାରୀଧର୍ମର ବିଶେଷତ୍ୱ ଅନସ୍ୱୀକାର୍ଯ୍ୟ । ନାରୀଧର୍ମ ପରିପାଳନରେ ନାରୀଜାତି ବିମୁଖ ହେଲେ, ନିଜେ ବ୍ୟକ୍ତି, ଦମ୍ପତି, ପରିବାର, ସମାଜ ଓ ରାଷ୍ଟ୍ର ବ୍ୟଭିଚାରରେ ପରିପୂର୍ଣ୍ଣହେବା ଅସ୍ୱାଭାବିକ ଏବଂ ଅସମ୍ଭବ ନୁହେଁ । ଏହି ଭ୍ରଷ୍ଟାଚାର କ୍ରମଶଃ ରାକ୍ଷସୀର କରାଳ ମୁଖ ବ୍ୟାଦାନ କରି ଆମ ସମାଜ ଓ ସଂସ୍କୃତିକୁ ଅବିଳମ୍ବେ ଗ୍ରାସ କରିବା ଅବଶ୍ୟମ୍ଭାବୀ । ତେଣୁ, ସମାଜର ଦୁଇ ବରିଷ୍ଠ ଅଙ୍ଗ : ନର ଓ ନାରୀ ଏଥିପ୍ରତି ସତର୍କତା ଅବଲମ୍ବନ ପୂର୍ବକ ସୁସ୍ଥ ସୁନ୍ଦର ସାମାଜିକ ବନ୍ଧନ ଓ ସଂପର୍କରେ ପରସ୍ପରକୁ ପ୍ରତିଷ୍ଠା କରିବାରେ ସହମତିର ସହିତ ସାହାଯ୍ୟ ସହଯୋଗର ହସ୍ତ ପ୍ରସାରଣ କରିବା ଏକାନ୍ତ ବାଞ୍ଛନୀୟ । ଏହାହିଁ ଶ୍ରେୟର ପଥ ।।*

### ''ଚରମ'' ର ୫ମମର୍ତ୍ତ୍ୟାବତରଣ ବିଶେଷାଙ୍କ : ବିଂଶତମ ସଂଖ୍ୟାର ଆବେଦନ :

# ନାରୀଧର୍ମ

**ଶା**ସ୍ତ୍ର, ପୁରାଣ, ଉପନିଷଦ, ବେଦ, ନିର୍ବେଦ ସମସ୍ତେ ସମସ୍ୱରରେ ନାରୀର ପ୍ରାଧାନ୍ୟ ଓ ଗୁରୁତ୍ୱକୁ ସ୍ୱୀକାର କରି ଯାଇଛନ୍ତି । ସୃଷ୍ଟିର ଉତ୍ପତ୍ତି, ସ୍ଥିତି, ବିଲୟର ମୁଖ୍ୟ ଅଙ୍ଗ ଭାବରେ ନାରୀକୁ ଗ୍ରହଣ କରିଛନ୍ତି । ନାରୀର ପତନରେ ନରର ପତନ, ନରର ପତନରେ ଘରର ବିନାଶ, ଘରର ବିନାଶରେ ସୃଷ୍ଟି ଧ୍ୱଂସ ହୁଏ । ତେଣୁ ସୃଷ୍ଟିର ଉତ୍ପତ୍ତି ପାଇଁ ନାରୀ ଯେତିକି ପରିମାଣରେ ଦାୟୀ ; ଧ୍ୱଂସ ପାଇଁ ମଧ୍ୟ ସମପରିମାଣରେ ଦାୟୀ । ତେଣୁ ସୃଷ୍ଟି ରକ୍ଷାପାଇଁ ନାରୀର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବାକୁ ପୁରୁଷକୁ ଯେତିକି ସତର୍କ ହେବାକୁ ପଡ଼ିବ, ନାରୀକୁ ମଧ୍ୟ ନିଜର ସ୍ଥିତି, ସ୍ୱଧର୍ମ ପାଳନ ପାଇଁ ସେତିକି ଯତ୍ନବାନ ହେବାକୁ ହେବ । କିନ୍ତୁ ବିଧିର ବିଡ଼ମ୍ବନାରେ ଆଜି ମମତାମୟୀ ମାତୃତ୍ୱ ଧୀରେ ଧୀରେ ଅପସରି ଯାଉଛି । କାହିଁକି ? ତା'ର

କାରଣ ନାରୀ ମଧ୍ୟ ଆଜି ତାର ସ୍ୱଧର୍ମରୁ ବିଚ୍ୟୁତ ହୋଇଛି । କଳିର ପ୍ରଚଣ୍ଡ ଆଘାତରେ ସେ ସବୁ ଭୁଲି ଯାଇଛି । ସଂପ୍ରତି ସେ ଯେଉଁ ପଥରେ ପାଦ ଦେଇଛି ବା ଦେବାକୁ ଯାଉଛି ତା'ର ଭୟାବହ ଫଳାଫଳ ବିଷୟରେ ସେ ସଂପୂର୍ଣ୍ଣ ଅଜ୍ଞ । ପୂର୍ବ ଗୁରୁଦେବ, ସାଧୁ, ସନ୍ଥ, ମହାପୁରୁଷମାନଙ୍କ ଚେତାବନୀକୁ ପାଶୋରି ଦେଇଛି ବା ହେୟଜ୍ଞାନ କରିଛି । ତେଣୁ ଏଥରକ କେତୋଟି କୁକର୍ମର ସୂଚନା, ତା'ର ଫଳାଫଳ ଓ ପ୍ରତିକାର ସଂପର୍କରେ ଆଲୋକ ପାତ କରାଯାଉଛି ।

ଯେଉଁ ନାରୀ କ୍ରୋଧ କରି ନିଜ ସ୍ୱାମୀକୁ କୁଭାଷା ପ୍ରୟୋଗ କରେ, ଦେହାନ୍ତରେ ସେ ଉଲ୍‌କାମୁଖ ନାମକ ନର୍କ କୁଣ୍ଡରେ ପଡ଼େ । ଏହି ସମୟରେ ଉଲ୍‌କାର ଅଗ୍ନି ତେଜରେ ତା'ର ସୂକ୍ଷ୍ମ ଦେହ ଜଳିପୋଡ଼ି ଯାଏ ।ଭୋଗ କରେ ଅକଥନୀୟ, ଅବର୍ଣ୍ଣନୀୟ କଷ୍ଟ ଯନ୍ତ୍ରଣା । ଯମଦୂତ ମାନେ ଉଲ୍‌କାଖଣ୍ଡ ମାନ ହସ୍ତରେ ଧାରଣ କରି ତା'ର ମୁଖରେ ନିକ୍ଷେପ କରନ୍ତି, ଦଣ୍ଡ ସାହାଯ୍ୟରେ ପ୍ରଚଣ୍ଡ ପ୍ରହାର କରନ୍ତି । ଏହିକ୍ରିୟା ଦୈନନ୍ଦିନ ହୁଏ ଏବଂ ବଳବତ୍ତର ହୁଏ ଏକଶତ ବର୍ଷ ପର୍ଯ୍ୟନ୍ତ । ତାହାପରେ ସେ ପୁନର୍ବାର ଧରାପୃଷ୍ଠକୁ ଆସେ ମାନବୀ ଅଙ୍ଗରେ । ବାଧ୍ୟ ହୁଏ କ୍ରମାଗତ ସାତଜନ୍ମ ପର୍ଯ୍ୟନ୍ତ ବୈଧବ୍ୟ ଯନ୍ତ୍ରଣା ଭୋଗ କରିବାକୁ । ସମାଜରେ ଘୃଣିତଭାବେ ଅତି କଷ୍ଟରେ କାଳାତିପାତ କରେ ମହାବ୍ୟାଧିଗ୍ରସ୍ତ ହୋଇ । ମାତ୍ର ମାୟାର ଫାଶରେ ବନ୍ଦୀ ହୋଇ ନିଜର ପୂର୍ବ ଜନ୍ମର କୁକର୍ମ ସ୍ମରଣ କରିପାରେ ନାହିଁ । ଅଯଥାରେ ନିଜର ଭାଗ୍ୟ ଓ ଭଗବାନଙ୍କୁ ଦୋଷାରୋପ କରି ନିନ୍ଦା ଦିଏ । ମାତ୍ର ଫଳ କିଛି ହୁଏନା । ବରଂ ପୁନରାୟ ଚେତନାହୀନ ହୋଇ ଆହୁରି ଅନେକ ପାପକର୍ମ କରି ପକାଏ । ସୁତରାଂ ଥରେ ପତନାଭିମୁଖୀ ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ କଷ୍ଟ ହୋଇପଡ଼େ ନିଜକୁ ସଂଯତ କରି ପୁଣ୍ୟଫଳର ଅଧିକାରିଣୀ ହେବା ନିମନ୍ତେ । ସେଥିପାଇଁ ପ୍ରତିମୁହୂର୍ତ୍ତରେ ସଜାଗ ହେବା ଏକାନ୍ତ ପ୍ରୟୋଜନ ।

ନାରୀ ହେଉ ବା ପୁରୁଷ ହେଉ, ନିଜର ପ୍ରାରବ୍ଧ କର୍ମ ପ୍ରବାହ ଅନୁସାରେ ଶରୀର ଧାରଣ କରିଥାଏ । ଶରୀରରେ ଯେଉଁ ଇନ୍ଦ୍ରିୟମାନଙ୍କ ପ୍ରାଧାନ୍ୟରେ ପ୍ରାରବ୍ଧ କର୍ମର ଫଳ ସହଜରେ ଭୋଗ କରିହେବ, ଠିକ୍ ସେହି ଅନୁଯାୟୀ ଇନ୍ଦ୍ରିୟମାନେ ଶରୀରରେ ଜାଗ୍ରତ ରହି ଜୀବକୁ ନିୟନ୍ତ୍ରଣ କରିଥାନ୍ତି । ତେଣୁ କେବଳ ମୁହଁରୁ ଶୁଣି ବା ପୁରାଣ ପଢ଼ି କେହି କେବେ ନିଜକୁ ସଂଯତ ଓ ଇନ୍ଦ୍ରିୟମାନଙ୍କୁ ସନ୍ତୁଷ୍ଟ କରି ସୁପଥରେ ପରିଚାଳିତ ହୋଇପାରିବ ନାହିଁ । ସେଥିପାଇଁ କଠୋର ଭାବରେ ନିଜକୁ ଅଭ୍ୟାସ ସୂତ୍ରରେ କର୍ମଯୋଗ ଭିତରେ ଜଡ଼ାଇ ରଖିବାକୁ ହେବ । ଶରୀରର ଗୁଣସୂତ୍ର ଅନୁସାରେ ଗୁରୁଦେବଙ୍କ ଠାରୁ ବୀଜମନ୍ତ୍ର ଗ୍ରହଣ କରି ତାକୁ ଶ୍ରୀଗୁରୁଙ୍କ ନିର୍ଦ୍ଦେଶିତ ବିଧିବିଧାନ ଅନୁସାରେ ମନନ କରି ଧୀରେ ଧୀରେ ଇନ୍ଦ୍ରିୟମାନଙ୍କୁ ଆୟତ୍ତ କରିବାକୁ ହେବ । ନିର୍ବାଚିତ ବୀଜମନ୍ତ୍ରର ଉଚ୍ଚାରଣରେ ଶରୀର ମଧ୍ୟରେ ଯେଉଁ କମ୍ପନ ସୃଷ୍ଟି ହେବ, ଶରୀରସ୍ଥ ଚୈତନ୍ୟ ଧୀରେ ଧୀରେ ଜାଗ୍ରତ ହେବ ସେହି କମ୍ପନର ଆଘାତରେ । ତାପରେ ନିଜର ନିଜ ଉପରେ ନିୟନ୍ତ୍ରଣ ଆସିବ । ଏହି କ୍ରିୟା ଗୁଡ଼ିକ ଏତେ ସୂକ୍ଷ୍ମ ଭାବରେ ସଂଘଟିତ ହେବ ଯେ କେବଳ ଶରୀରସ୍ଥ ସ୍ନାୟୁମାନେ ତାକୁ ଉପଲବ୍ଧି କରିପାରିବେ । ସ୍ଥୂଳରେ ଜୀବ ଆଦୌ ଅନୁଭବ କରି ପାରିବ ନାହିଁ । ଏଠାରେ ଏକ କ୍ଷୁଦ୍ର ଉଦାହରଣ ଦେଲେ ସରଳ ଭାବରେ ବୁଝିହୋଇଯିବ । ମଣିଷ ଖାଦ୍ୟବିନା ବଞ୍ଚି ରହିପାରେନା । କିନ୍ତୁ ସବୁ ସମୟରେ ଖାଦ୍ୟ ଗ୍ରହଣ କରେନା । ଏକ ନିର୍ଦ୍ଦିଷ୍ଟ ସମୟରେ ଯେ ପର୍ଯ୍ୟନ୍ତ ଖାଦ୍ୟ ହଜମ ନ ହୋଇଛି, ସେ ପର୍ଯ୍ୟନ୍ତ ସେ ଖାଦ୍ୟ ଆବଶ୍ୟକ ହୁଏ ନାହିଁ ବା ଆଗ୍ରହ କରେ ନାହିଁ । ଖାଦ୍ୟ ହଜମ ହେବା କ୍ରିୟା ଦେଖିପାରେ ନାହିଁ କିମ୍ବା ଅନୁଭବ ମଧ୍ୟ କରିପାରେ ନାହିଁ । ଏଥିରେ ଅଂଶ ଗ୍ରହଣ କରିଥାନ୍ତି ସ୍ନାୟୁ, ତନ୍ତ୍ରୀମାନେ । ହଜମ ହେବା ପରେ ପରେ ସୂଚନା ଦିଅନ୍ତି ପୁନରାୟ ଖାଦ୍ୟ ଗ୍ରହଣ କରିବାକୁ । ଏହାକୁ ହିଁ କହନ୍ତି କ୍ଷୁଧା ବା ଭୋକ । ଏହି କ୍ଷୁଧାର ସମୟ କେବଳ ଅଭ୍ୟାସ ସୂତ୍ରରେ ହିଁ ନିରୂପିତ ହୋଇଥାଏ । ଠିକ୍ ସେହିପରି ଆଧ୍ୟାତ୍ମିକ କର୍ମଯୋଗ ଥରେ ଅଭ୍ୟାସରେ ପଡ଼ିଗଲେ ସୂକ୍ଷ୍ମଭାବରେ ଉପକୃତ ହେଉଥିବା ସ୍ନାୟୁମାନେ ଯଥା ସମୟରେ ଜୀବକୁ ସ୍ମରଣ କରାଇ ଦେଇଥାନ୍ତି । ଅନୁରୂପ ବ୍ୟବସ୍ଥାରେ ପାର୍ଥିବ ମୋହ ଗ୍ରସ୍ତ ଭୋଗ୍ୟବସ୍ତୁରେ ଶରୀର ଅଭ୍ୟସ୍ତ ହୋଇଥିବା ସଂପର୍କିତ ବସ୍ତୁର ଦର୍ଶନ, ଶ୍ରବଣରେ ସେମାନେ ପୁଲକିତ ହୋଇଉଠନ୍ତି ଏବଂ ଜୀବକୁ ବାଧ୍ୟ କରନ୍ତି ସେହି କର୍ମକରି ସେମାନଙ୍କୁ ସନ୍ତୁଷ୍ଟ କରିବାକୁ ।

କ୍ରମଶଃ........

# ବାଲ୍ୟକାଳୁ ଧର୍ମଧନ ସଞ୍ଚି:

ସୁକୋମଳ ଶିଶୁରମନ ନବନୀତ କୋମଳ । ଶୈଶବ ବା ବାଲ୍ୟାବସ୍ଥାରୁ ଶିଶୁର ଏହି କୋମଳ ମନ ମୁକୁରରେ ଯେଉଁ ଛବି ଅଙ୍କିତ ହୋଇ ଗଭୀର ରେଖାପାତ କରେ, ତାହା ଆମରଣ ସ୍ପଷ୍ଟ ରହିଯାଏ । ଏହା ଲିଭେ ନାହିଁ , ଲିଭିବାର ନୁହେଁ । ଅଙ୍କିତ ଛବି ତା'କୁ ପ୍ରଚ୍ଛନ୍ନରେ ଜୀବନର ଚଲାପଥରେ ବହୁଭାବରେ ପ୍ରଭାବିତ କରିଥାଏ । ତେଣୁ ସମାଜର ଉତ୍ତରଦାୟାଦମାନଙ୍କର ସମୁଜ୍ଜ୍ୱଳ ଅଭିଲେଖ ନିମନ୍ତେ ସମାଜର ବଡ଼ପଣ୍ଡା ମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱର ଅନ୍ତ ନାହିଁ । [illegible] ଶୈଶବକାଳରୁ ସର୍ବୋତ୍ତମ ମାନବିକ ଗୁଣ ଓ ଆଧ୍ୟାତ୍ମିକତା ଶିକ୍ଷାଦେବା ମଧ୍ୟ ସର୍ବାଦୌ କର୍ତ୍ତବ୍ୟ । ଏହି କର୍ତ୍ତବ୍ୟର ଦୀପରକ୍ଷୀ ଭାବରେ ''ଚରମ'' ରେ'' ବାଲ୍ୟକାଳୁ ଧର୍ମଧନ ସଞ୍ଚି '' ସ୍ତମ୍ଭର ସଂଯୋଜନା । ''ଚରମ''ର ପଞ୍ଚମ ମର୍ତ୍ତ୍ୟାବତରଣ ବିଶେଷାଙ୍କ - ବିଂଶତମ ସଂଖ୍ୟାରେ ସଂପାଦନାର ଉପହାର : ବିଶ୍ୱର ସମସ୍ତ ଶିଶୁ, ବାଳକ ବାଳିକା, କିଶୋରକିଶୋରୀଙ୍କ କୋମଳ କରପଦ୍ମରେ:

## ମୂର୍ତ୍ତିନିର୍ମାତାରୁ ମୂର୍ତ୍ତିମନ୍ତ

**ଚତୁର୍ଥପୁଷ୍ପ ଷଷ୍ଠ ପାଖୁଡ଼ା ଊନବିଂଶ ସଂଖ୍ୟା ଉତ୍ତାରୁ........**

**ଶି**କ୍ଷକ ମାନଙ୍କର ଅଭିଯୋଗ ଶୁଣିବା ପରଠାରୁ ପିତା ଅବିଚଳିତ ଭାବରେ ପୁଅର ଅବସ୍ଥା ଲକ୍ଷ୍ୟକରୁଥାଆନ୍ତି । ଦିନେ ପାଖକୁ ଡ଼ାକି ଶ୍ରଦ୍ଧାରେ କହିଲେ, **''ନିବାରଣ ! କୃଷ୍ଣ ନାମକୁ ତୁ ବଡ଼ପାଟିରେ ଉଚ୍ଚାରଣ କରିବୁ ନାହିଁ । କାରଣ ଅନ୍ୟମାନେ ଶୁଣିଲେ ଥଟ୍ଟା ପରିହାସ କରିବେ । ଫଳରେ ତୋର କୃଷ୍ଣଙ୍କୁ ନିନ୍ଦା ହେବ । ତେଣୁ ମନେ ମନେ ତାଙ୍କ ନାମକୁ ଚିନ୍ତା କରିବୁ । ପାଠଶାଳାରେ ଗୁରୁଜୀ ଯେଉଁ ପାଠ ପଢ଼ାଇବେ, ତାକୁ ଆଗ୍ରହ ସହକାରେ ମନଦେଇ ଶୁଣିବୁ ଓ ପଢ଼ିବୁ । ତୋର ଗୁରୁଜୀଙ୍କ ଦେହରେ ମଧ୍ୟ କୃଷ୍ଣ ଅଛନ୍ତି । ଯେଉଁ ପାଠ ପଢ଼ାଉଛନ୍ତି ତା ଭିତରେ ବି ସେ ଅଛନ୍ତି । ସେଥିପାଇଁ ଯେଉଁଟିକୁ ଛାଡ଼ିବୁ, ଭାବିବୁ ଯେ ତୋ'ର କୃଷ୍ଣଙ୍କୁ ତୁ ଛାଡୁଛୁ ବୋଲି ।''** ସେହିଦିନୁ ନିବାରଣ ଆଉ ମୁହଁ ଖୋଲି କୃଷ୍ଣଙ୍କ ନାମ ବଡ଼ପାଟିରେ ଉଚ୍ଚାରଣ ନକରି ମନେ ମନେ ଅହରହ ଜପ କରୁଥାଏ । ନୀରବ ହୋଇ ସମସ୍ତଙ୍କ କଥା ଶୁଣେ । ନିହାତି ଆବଶ୍ୟକ ନ ହେଲେ ଅଯଥାରେ କାହାରି ସହିତ କୌଣସି ଆଲୋଚନା କରେ ନାହିଁ ।

**ଭା**ବ ବିନୋଦିଆ , ଭକ୍ତବତ୍ସଳ ଏଥରକ ନିବାରଣ ପ୍ରତି ଆକୃଷ୍ଟ ହୋଇପଡ଼ିଲେ । ଶିଶୁଟିର ଏକାଗ୍ରତା, ନିଷ୍ଠାରେ ସେ ପାଗଳ ହୋଇ ଉଠିଲେ । ଛାଇପରି ନିବାରଣର ପାଖେ ପାଖେ ଘୁରି ବୁଲିଲେ । ହେଲେ ବିଚରା ଅବୋଧ ଶିଶୁଟି ପ୍ରଭୁଙ୍କର ଏ ଅପୂର୍ବ ଲୀଳାକୁ ବୁଝିବ କିପରି ? ଜାଣି ପାରେ ନା ସେ କିଛି । କିନ୍ତୁ ନିରବଚ୍ଛିନ୍ନ ଭାବରେ କୃଷ୍ଣଙ୍କର ଛବି ମନେ ମନେ ଚିନ୍ତା ଓ ନାମକୁ ମନନ କରି ଚାଲିଥାଏ । ପାଠଶାଳାକୁ ନିୟମିତ ଯାଏ, ପାଠ ଶୁଣେ- କିନ୍ତୁ ଆଦୌ ମନେ ରଖିପାରେ ନାହିଁ ।

**ଦି**ନେ ପାଠଶାଳାରେ ସେ ବସିଛି । ଗୁରୁଜୀ କଳାପଟାରେ ଚକ୍‌ଖଡ଼ି ସାହାଯ୍ୟରେ ଗଣିତ ଲେଖି ପିଲାମାନଙ୍କୁ ବୁଝାଉଛନ୍ତି । ନିବାରଣର ମନ କିନ୍ତୁ ଗଣିତ ପାଠରେ କିମ୍ବା ଗୁରୁଜୀଙ୍କ କଥାରେ ନାହିଁ । ସେ ଭାବୁଛି **''ଗୁରୁଜୀ ଯାହା**

କହୁଛନ୍ତି, କଳାପଟାରେ ଠିକ୍ ସେଇକଥା ଲେଖିଦେଲା ବେଳକୁ ବୁଝି ହୋଇଯାଉଛି ଓ ବିଷୟଟି ସୁନ୍ଦର ଦିଶୁଛି । ମୁଁ ମନରେ ମୋର କୃଷ୍ଣକୁ ଯେଉଁ ରୂପରେ ଚିନ୍ତା କରୁଛି,ଯଦି ସେହି ରୂପକୁ ମୁଁ ମୋ ଖଡ଼ିରେ ଅଙ୍କନ କରି ପାରନ୍ତି ତେବେ ମୋ କୃଷ୍ଣଙ୍କୁ ନିଜ ଆଖିରେ ଦେଖିପାରନ୍ତି ।'' ଧନ୍ୟ ହେ ଲୀଳାମୟ ! ନିଜର କାର୍ଯ୍ୟ ହାସଲ ପାଇଁ କେତେବେଳେ କେଉଁ ମାଧ୍ୟମରେ କାହାର ମନରେ କେଉଁ ଭାବ ସୃଷ୍ଟି କରାଅ, ତା' କେବଳ ତୁମକୁ ହିଁ ଜଣା ।

**ବା**ସ୍ ! ଏହାପରଠାରୁ ନିବାରଣର ପାଠର ଗତି ପରିବର୍ତ୍ତନ ହୋଇ ଚିତ୍ର ଆଡ଼କୁ ଅଗ୍ରସର ହେଲା । ବାରମ୍ବାର ତା'ର ମାନସ ଦେବ କୃଷ୍ଣଙ୍କର କଳ୍ପିତ ରୂପ ସିଲଟ, କାଗଜ, ଏପରିକି ଖଡ଼ି ସାହାଯ୍ୟରେ ତଳେ ଅଙ୍କନ କରିବାର ଅଭ୍ୟାସକୁ ଗ୍ରହଣ କରିନେଲା ଓ ଧୀରେ ଧୀରେ ସେହିଥିରେ ହିଁ ବୁଡ଼ିଗଲା । ଚପଳମତି ଶିଶୁଟିର ଚିତ୍ର ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । କ୍ରମଶଃ ସେ ଏପରି ନିଖୁଣ ଚିତ୍ର ଅଙ୍କନ କଲା, ଯେ ଦେଖିଲା ସେ ଭାବିଲା ସତେ ଯେପରି ଦେବଶିଳ୍ପୀ ବିଶ୍ୱକର୍ମା ନିଜେ ଅଙ୍କନ କରିଛନ୍ତି । କ୍ରମଶଃ ତା'ର ପାଠପଢ଼ା ମଧ୍ୟ ଶେଷ ହୋଇଗଲା । ଆଉ ପାଠଶାଳାକୁ ଗଲାନାହିଁ । ସର୍ବଦା ଚିତ୍ର ପ୍ରସ୍ତୁତିରେ ଲାଗିଗଲା । କେବଳ କୃଷ୍ଣ ରୂପ ନୁହେଁ । ଦେବାଦେବୀଙ୍କର ଯେଉଁ ରୂପ ମନକୁ ଆସିଲା, କଳ୍ପନା ଚକ୍ଷୁରେ ତାକୁହିଁ ନିଜ ତୁଳୀରେ ଜନ୍ମଦେଇଦେଲା ।

**କା**ଗଜ କଲମରେ ଚିତ୍ର ଆଙ୍କୁ ଆଙ୍କୁ ନିବାରଣର ମନ ଢ଼ଳିଗଲା ମାଟିର ମୂର୍ତ୍ତି ଆଡ଼କୁ । ହଠାତ୍ ଦିନେ ତା'ର ମନକୁ ଆସିଲା, ଏହି ଚିତ୍ରକୁ ଯଦି ମାଟିରେ ତିଆରି କରାଯାଏ, ତେବେ ଆହୁରି ସୁନ୍ଦର ଓ ଜୀବନ୍ତ ହୋଇଯିବ ଏବଂ ମୁଁ ମୋ ଆରାଧ୍ୟଙ୍କ ସହ କଥାବାର୍ତ୍ତା ହୋଇପାରିବି ।

......... କ୍ରମଶଃ

ମୁହେଁ ଗୁରୁସେବେ ନକରେ କିଛି,
ଅନ୍ୟର ନିନ୍ଦାକୁ ତୁଣ୍ଡରେ ବାଛି,
ଆପଣା ମନକୁ ବଳୁଆ କରେ,
ଆଖି ମିଟିକାରେ ଗୁରୁଙ୍କୁ ଧରେ ।

ଆପଣା ପ୍ରତିଷ୍ଠା ନଆଣ ମନେ,
କୋଟିକରେ ଗୋଟେ ଆପଣା ପଣେ ।
ହୋଇ ରହିଥାଅ ସାଧନା ପଥେ,
ତେବେ ଚଳିଯିବୁ ମୁକତି ରଥେ ।

ଚରମ ପରଶ ପାଆରେ ଧନ,
ପରଶେ ହରଷ ହେଉ ତୋ ମନ ।

# ଉତ୍ତିଷ୍ଠତଃ! ଜାଗ୍ରତଃ!!

**ଯୁବସଂପ୍ରଦାୟ ପାଇଁ ଏ ସଂଖ୍ୟାର ପ୍ରୀତିପୂର୍ଣ୍ଣ ଅର୍ଘ୍ୟ :**

ପ୍ରେମ : ଏକ ଦୁର୍ଲଭ ଦିବ୍ୟଭାବ । ସକଳ ସ୍ୱର୍ଗୀୟ ଭାବସମ୍ଭାର ମଧ୍ୟରେ ଏହା ଦିବ୍ୟତମ । ଭଗବାନ ହିଁ ପ୍ରେମମୟ । ତେଣୁ ଭଗବଦ୍ ପ୍ରାପ୍ତି ନିମନ୍ତେ ପ୍ରେମ ହିଁ ପ୍ରକୃଷ୍ଟ ପନ୍ଥା । ଯେଉଁଠାରେ ପ୍ରେମନାହିଁ, ସେଠାରେ ଭଗବଦ୍ ପ୍ରକାଶ ହିଁ ନାହିଁ । ସାଧନ ଭଜନର ବହୁ ପ୍ରକାର ଆଗଁ ଆଗଁ ପ୍ରେମ ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରାଯାଇଛି । ପ୍ରେମରେ ଏପରି ଉପାଦାନ ଅଛିଯେ,ଭଗବାନ ମଧ୍ୟ ବଶୀଭୂତ ହୁଅନ୍ତି । ପ୍ରେମରେ କୌଣସି ଅବିଳତା ନଥାଏ । କାମନାଯୁକ୍ତ ଭଗବଦ୍ ଭଜନ ହିଁ କପଟତା । ଜ୍ଞାନୀ ଜ୍ଞାନ ସାଧନ କରେ,ଅନ୍ତରରେ ତା'ର ମୁକ୍ତି କାମନା ଥାଏ । କିପରି ମୁକ୍ତିପାଇବସେହି ଚେଷ୍ଟାରେ ସେ ଲାଗିଥାଏ । ଏହି ମୁକ୍ତି କାମନା ମଧ୍ୟ କପଟତା । ଏଥିରେ ଭଗବଦ୍ ସେବା ନଥାଏ । ପୁଣି ବହୁପ୍ରକାର କାମନା ମଧ୍ୟରେ ମୁକ୍ତି କାମନା ପ୍ରେମ ପଥରେ ସବୁଠାରୁ ବଡ଼ ଅନ୍ତରାୟ । କାରଣ, ମୁକ୍ତି ହେଉଛି ନିଜ ପାଇଁ । ଆତ୍ମସୁଖ ପାଇଁ ମୁକ୍ତି କାମନା । ତେଣୁ ଏହା ସ୍ୱାର୍ଥ । ଏଥିରେ ପରମାର୍ଥ ନଥାଏ । ତେଣୁ ଏଥିରେ ପ୍ରେମ ନାହିଁ । ପ୍ରେମ ସଂପର୍କରେ ଏଥରର ଆବେଦନ :

## ମୀରାଙ୍କ ଭାବ ଓ ଭାଷାରେ :

**ପ୍ରେମ :(୧)**

''ନିତ୍ ନାହାନେ ସେ ହରି ମିଲେ ତୋ ଜଲ୍‌ଜନ୍ତୁ ହୋଇ ।
ଫଲ୍‌ମୂଲ୍ ଖା' କେ ହରି ମିଲେ ତୋ ବାହୁଡ଼ି ବାନ୍ଦରାଇ ।।
ଦୁଧ୍‌ପିକେ ହରି ମିଲେ ତୋ ତୋର ବହୁତ୍ ବସଓୟାଲା ।
ମୀରା କହେ ବିନା ପ୍ରେମ୍ ସେ ନହିଁ ମିଲେ ନନ୍ଦଲାଲା ।''

ଆଧ୍ୟାତ୍ମିକ ଓ ପରମାର୍ଥିକ ସାହିତ୍ୟରେ ପ୍ରେମର ପରାକାଷ୍ଠା ସର୍ବତ୍ର ଉଦ୍‌ଘୋଷିତ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ମିଳନ ସେତୁ ହେଉଛି ପ୍ରେମ । ଯେଉଁଠି ପ୍ରେମ ନାହିଁ, ସେଇଠି ଭଗବଦ୍ ସତ୍ତା ଲେଶ ମାତ୍ର ନାହିଁ । ଚରିତାମୃତରେ ଏହି ପ୍ରେମର ପରାକାଷ୍ଠା ବଡ଼ ସୁନ୍ଦର ସାବଲୀଳ ଭାଷା ଓ ଭଙ୍ଗୀରେ ଅନୁରଣିତ ହୋଇଚି:

''କୃଷ୍ଣ ଭକ୍ତର ବାଧକ୍ ଯତ ଶୁଭାଶୁଭ୍ କର୍ମ । ତାହା ହୟ ଜୀବେର୍ ଏକ୍ ଅଜ୍ଞାନ୍‌ତମ୍ ଧର୍ମ ।।
ଅଜ୍ଞାନ୍‌ତମେର୍ ନାମ୍ କହିୟେ କୈତବ୍ । ଧର୍ମ, ଅର୍ଥ, କାମ୍, ମୋକ୍ଷ ବାଞ୍ଛା ଆଦି ସବ୍ ।।
ତା'ର ମଧ୍ୟେ ମୋକ୍ଷ ବାଞ୍ଛା କୈତବ ପ୍ରଧାନ୍ । ଯାହା ହୈତେ କୃଷ୍ଣଭକ୍ତି ହୟ୍ ଅନ୍ତର୍ଦ୍ଧାନ୍ ।।''

ଭକ୍ତ ମୁକ୍ତିପ୍ରୟାସୀ ହୋଇ ପାରେ ନାହିଁ । କାରଣ,ମୁକ୍ତି ହେଉଛି ନିଜ ପାଇଁ-ନିଜେ କିପରି ଦୁଃଖଜଂଜାଳରୁ ମୁକ୍ତି ପାଇବ । ଏହା ପ୍ରବଳତମ ସ୍ୱାର୍ଥ । ଏହି ସ୍ୱାର୍ଥପରତାର ଅନ୍ୟନାମ ମୁକ୍ତିବାଞ୍ଛା । ଏଥିରେ ଭଗବାନଙ୍କର ସୁଖ ନିମନ୍ତେ ଭକ୍ତର ଅଣୁମାତ୍ର ଆବେଦନ ପ୍ରତିବେଦନ ନଥାଏ, ନାହିଁ । ସ୍ୱାର୍ଥରେ ପରାର୍ଥ/ପରମାର୍ଥ ନଥାଏ । ତେଣୁ ଏହା ଘୋରତମ କାମ, କାମନା । ଏହାକୁ ପ୍ରେମ କୁହାଯାଏ ନାହିଁ । ଏହା ଆଦୌ ପ୍ରେମ ପଦବାଚ୍ୟ ନୁହେଁ । ଅନ୍ୟାନ୍ୟ କାମନା ବାସନା ସହଜରେ ଛାଡ଼ି ଦେଇ ହୁଏ । ସାଧନା ପଥରେ ତା'ର ଅପକାରିତା ଜଣାପଡ଼େ । ମୁକ୍ତିକାମନା ଏତେ ସହଜରେ ଧରାପଡ଼େ ନାହିଁ । ମୁକ୍ତି କାମନା ଥରେ ହୃଦୟରେ ପ୍ରବେଶ କରିଗଲେ, ଏହା ଅନ୍ତଃକରଣରେ ଏପରି ବଦ୍ଧମୂଳ ହୋଇଯାଏ ଯେ, ତାହା ସହଜରେ ଛାଡ଼ି ହୁଏ ନାହିଁ ।ତେଣୁ , ଏପରି ଏକ ସ୍ୱାର୍ଥପରତାରେ ପ୍ରକୃତ ଭଗବଦ୍ ସେବାର ଆନନ୍ଦ ମିଳି ନଥାଏ ।

**ମହାତ୍ମା ତୁଳସୀ ଦାସ ଗାଇଯାଇଛନ୍ତି :**

''ଯହାଁ ରାମ, ତହାଁ ନହିଁ କାମ୍ । ରବି ରଜନୀ ଦୋନୋ ନହିଁ ମିଲେ ଏକ୍ ଠାମ୍ ।''

**ଅ**ର୍ଥାତ୍ : ରାତି ପୁଣି ସୂର୍ଯ୍ୟ! ଗୋଟିଏ ମୁହୂର୍ତ୍ତରେଏକସ୍ଥାନରେ ରହିପାରିବେ କିପରି ? ଯେଉଁଠି ଭଗବତ୍ ପ୍ରେମ ଅନ୍ତଃସଲିଳା ଫଲ୍‌ଗୁ ପରି ଚିରପ୍ରବାହିତା, ସେଠାରେକାମକାମନା ରହିପାରିବ କିପରି ? ଜ୍ଞାନୀର ମୁକ୍ତି କାମନା ଥିବାରୁ ତା'ର ସାଧନାରେ କପଟତା ରହିଥାଏ ।ଯୋଗୀ ମଧ୍ୟ ଯୋଗ ସାଧନା କରି ଯୋଗୈଶ୍ୱର୍ଯ୍ୟ ଚାହେଁ । ଅଣିମା, ଲଘିମା, ବ୍ୟାପ୍ତି, ପ୍ରାକାମ୍ୟ, ଈଶିତ୍ୱ, ବଶିତ୍ୱ ପ୍ରଭୃତି ଅଷ୍ଟସିଦ୍ଧି ଚାହେଁ । ଯାହା ପାଇଁ ସେ ସାଧନା କରେ, ତାକୁ ଯଦି ସେ ନଚାହେଁ; ତାହା କପଟତା ନୁହେଁକି ? ଏହା ସତ୍ୟ ଯେ, ଅନ୍ୟକାମନା ହୃଦୟରେ ପ୍ରବେଶ କଲେ ହିଁ ଭଗବତ୍ ପ୍ରାପ୍ତିର ଇଚ୍ଛା କମି ଯାଏ । ଆନ୍ତରିକ ବ୍ୟାକୁଳତା ନଥିଲେ, ଭଗବତ୍ ସେବା ପ୍ରାପ୍ତିର ସୁଯୋଗ ସୁବିଧା ମିଳିପାରେନାହିଁ । ଇଷ୍ଟ ଏବଂ କୃଷ୍ଣ ପ୍ରାପ୍ତି ପାଇଁ ଦୁଇ ସହଚରୀଙ୍କର ଆବଶ୍ୟକତା ରହିଛି । ସେମାନେ ହେଲେ ଲଳିତା ଓ ବିଶାଖା । ରାଧା ଶ୍ରୀକୃଷ୍ଣଚନ୍ଦ୍ରଙ୍କୁ ପାଇବା ନିମନ୍ତେ ଏ ଦୁଇ ସହଚରୀଙ୍କର କୃପା ଭିକ୍ଷା କରିଥିଲେ । ଏ ମାନଙ୍କ କୃପା ନ ହେଲେ, କୃଷ୍ଣ ବା ଇଷ୍ଟପ୍ରାପ୍ତି ହେବା ଅସମ୍ଭବ । ସେହିପରି ହୃଦୟରେ ଲାଳସା (ଲଳିତା) ଓ ବ୍ୟାକୁଳତା (ବିଶାଖା) ନଥିଲେ, ଭଗବତ୍ ପ୍ରାପ୍ତି ହୁଏ ନାହିଁ । ମାତ୍ର ପ୍ରେମରେ ଏସବୁର କିଛି ସତ୍ତା ହିଁ ନଥାଏ । ଯଦି ଥାଏ, ତେବେ ତାହା ପ୍ରକୃତ ଅନାବିଳ ପ୍ରେମ ନୁହେଁ । ପ୍ରେମ ସାଧନା କେବଳ ଭଗବତ୍ ସେବା ପ୍ରାପ୍ତି ପାଇଁ ତୀବ୍ର ଆକାଂକ୍ଷା ଜାଗରିତ କରାଇଦିଏ । ସୁପ୍ତ ଅଚେତନ ଜୀବର ଅନ୍ତଃସ୍ଥଳରେ ଚୈତନ୍ୟ ଶକ୍ତିର ଉଦ୍ରେକ କରାଇଥାଏ ।

**ପ୍ରେ**ମଭାବ ଅତ୍ୟନ୍ତ ଦୁର୍ଲଭ । କାରଣ, ଭଗବାନ କେବଳ କୁଶଳୀ ନୁହନ୍ତି, ବଡ଼ କୌଶଳୀ ମଧ୍ୟ । ସେ ଏତେ ସହଜରେ କାହା ପାଖରେ ଧରାପଡ଼ିବାକୁ ଚାହାନ୍ତି ନାହିଁ, ତେଣୁ ଧରା ଦିଅନ୍ତି ନାହିଁ । ସେ ପ୍ରେମ ସାଧକଙ୍କୁ ନାନାପ୍ରକାର ଲୋଭ ଦେଖାଇ ନିଜେ ଦୂରେଇ ରହି ଦେଖନ୍ତି : ତାଙ୍କ ପାଇଁ ଭକ୍ତ ହୃଦୟରେ କେତେ ମାତ୍ରାରେ ଉତ୍କଣ୍ଠା, ଉତ୍ସୁକତା, ଆକୁଳତା, ବ୍ୟାକୁଳତା ରହିଛି ।ଯିଏ ପ୍ରଲୋଭନରେ ଭୁଲିଯାଏ, ତା'ର ଭଗବତ୍‌ପ୍ରାପ୍ତିର ପୂର୍ଣ୍ଣଚ୍ଛେଦ ସେଇଠି ପଡ଼େ । ସେ ଧନ ସମ୍ପଦ, ଗୋପଲକ୍ଷ୍ମୀ, ଧର୍ମ, ଅର୍ଥ, କାମ, ମୋକ୍ଷ, ପଦ ପଦବୀ, ଅଧିକାର ପ୍ରତିପତ୍ତି, ଉଚ୍ଚଆସନ, ମାନ ସମ୍ମାନ, ଐଶ୍ୱର୍ଯ୍ୟ,ପ୍ରାଚୁର୍ଯ୍ୟ ଭୋଗ ଉପଭୋଗର ବନ୍ଧନରେ ପଡ଼ି ଭଗବତ୍ ପ୍ରେମ ପଥରୁ ବିଚ୍ୟୁତ ହୋଇ ଯୋଗଭ୍ରଷ୍ଟ ହେବାସହ ଆତ୍ମବଡ଼ିମାର ଅନ୍ଧକାର ମଧ୍ୟରେ ଏଲୋକସେଲୋକର ଆଲୋକ ହରାଇ ଦିଏ । ଆଉ ଯିଏ କୌଣସି ପ୍ରକାରେ ଭୁଲେ ନାହିଁ, ସବୁକିଛି ପ୍ରଲୋଭନକୁ ପାଦରେ ଠେଲି ଦେଇ ତାଙ୍କରି ପଦ୍ମପାଦରେ ଅବିରତ ନିୟତଲୟ ରଖି ବ୍ୟାକୁଳ ହୃଦୟରେ ତାଙ୍କୁ ହିଁ ଭଜନ କରିଚାଲିଥାଏ, ତା'ଠାରେ କୁଶଳୀ ଭଗବାନଙ୍କର ସବୁ କୌଶଳ ପ୍ରଲୋଭନ ନିଷ୍ଫଳ ହୁଏ; ତା'ରି ପାଖରେ ଭଗବାନ ଚିରଦିନ ପାଇଁ ବନ୍ଧା ପଡ଼ନ୍ତି । ଜଗନ୍ନାଥ ଦାସଙ୍କର ଭାଗବତ ପଦାବଳୀକୁ ଲକ୍ଷ୍ୟ କର :

**''ସିଦ୍ଧି ଯୋଗୀନ୍ଦ୍ର ମୁନିଗଣ । ସେବନ୍ତି ଯେ ହରିଚରଣ ।।**
**ଭବ ବିରଞ୍ଚି ଯା'ର ପାଦେ । ଧ୍ୟାନେ ଚିନ୍ତନ୍ତି ଅପ୍ରମାଦେ ।।**
**ସେ ପାଦପଦ୍ମ ନିତ୍ୟେ ଚିନ୍ତି । ଲବେ ନିମିଷେ ନଛାଡ଼ନ୍ତି ।।**
**ଏ ତିନି ଭୁବନ ସମ୍ପତ୍ତି । ହେଲେ ହେଁ ତହୁଁ ନଚଳନ୍ତି ।।**
**ବିଷ୍ଣୁ ଭକତେ ସେ ପ୍ରଧାନ । ନିସ୍ତରେ ତାକୁ ଦେଖି ଜନ ।।**
**ଏଣୁ ଯେ ହୃଦେ ହରି ଭଜେ । ହରି ତା ହୃଦୟ ନ ତେଜେ ।।**
**ସ୍ନେହରଜ୍ଜୁରେ ତା'ଚରଣ । ହୃଦରେ କରଇ ବନ୍ଧନ ।।**

**ଏ**ହି ପ୍ରକାରର ଭକ୍ତକୁ ଭଗବାନ୍ କିଛି ପଦପଦବୀ, ଧନଜନ, ଗୋପଲକ୍ଷ୍ମୀ, ଅଧିକାର, ପ୍ରତିପତ୍ତି, ଉଚ୍ଚଆସନ, ମାନସମ୍ମାନ ଆଦି ଦେବାକୁ ଇଚ୍ଛା କଲେ ଭକ୍ତ ତାହା ଇଷ୍ଟସେବାର ବାଧକ ଓ ଭଗବତ୍ ପ୍ରାପ୍ତିର କଣ୍ଟା ଏବଂ ପ୍ରେମ ଭକ୍ତିର

ଅନ୍ତରାୟ ମନେ କରି ଗ୍ରହଣ କରେ ନାହିଁ । ଜଗନ୍ନାଥଙ୍କ ଭାଷାରେ :

''ଏଣୁ ଯେ ମୋ ଭାବ ଜାଣଇ । ତା'ର କୈବଲ୍ୟେ ଇଚ୍ଛା ନାହିଁ ॥

ମୁହିଁ ସମ୍ପଦ ଦେଲେ ତା'ରେ । ତକ୍ଷଣେ ଦୂରେ ପରିହରେ ॥''

ଭଗବାନ ପ୍ରଥମେ ଜୀବକୁ ନାନା ପ୍ରକାର ଲୋଭ ଦେଖାନ୍ତି । ଯଦି ସେଥିରେ ନଭୁଲି ଜୀବ କେବଳ ତାଙ୍କୁହିଁ ବ୍ୟାକୁଳତାର ସହିତ ଡାକେ, ବ୍ୟାକୁଳ ଭାବରେ ତାଙ୍କରି ପ୍ରୀତି ନିମିତ୍ତ କାର୍ଯ୍ୟ କରିଚାଲେ, ତେବେ ସେତେବେଳେ ସେ ଭକ୍ତ ହୃଦୟରେ ବିରାଜିଥାନ୍ତି, ଭକ୍ତପାଖରେ ଧରା ଦିଅନ୍ତି । ଯେଉଁମାନେ ପ୍ରଲୋଭନରେ ଭୁଲିଯାଇ ଅନ୍ୟ କିଛିରେଆସକ୍ତ ହୋଇ ପଡ଼ନ୍ତି, ସେମାନଙ୍କର ଜନ୍ମ ଓ ଜୀବନ ବୃଥା ହୋଇଯାଏ । ଏହି ମର୍ମରେ ଭାଗବତ ଗାଏ :

''ଏଣୁ ନିଷ୍କାମ ତା'ର ମତି । ସେ ଲଭେ ଏକାନ୍ତ ଭକତି ॥

ସର୍ବ ସଂକଳ୍ପ ତା'ର ମିଳେ । ସେ ମୋତେ ଭଜଇ ନିଷ୍ଫଳେ ॥

ଏବଂ

ଏଯେତେ ସିଦ୍ଧି ଅଷ୍ଟାଦଶ । ଯୋଗୀଙ୍କ ବିଘ୍ନ ଉପଦେଶ ॥

ଯେ ଯୋଗୀ ସିଦ୍ଧି ପଥେ ଯା'ନ୍ତି । ବୃଥାରେ ଦିନ ସେ ହରନ୍ତି ।''

ଅବଶ୍ୟ ଭକ୍ତଏ ସବୁ ସିଦ୍ଧିରୁ ବଞ୍ଚିତ ହୁଏ ନାହିଁ । ଯା' ହୃଦୟରେ ଭଗବତ୍ ପ୍ରେମ ଜାତ ହୋଇଛି, ସେ ପୁଣି କିପରି ସିଦ୍ଧିରୁ ବଞ୍ଚିତ ହେବ ? ତା' ପକ୍ଷରେ ଏ ସକଳ ଅନାୟାସ ଲଭ୍ୟ। ଯୋଗୀ ବହୁ ସାଧନା କରି ଯାହାପାଏ, ପ୍ରେମିକଭକ୍ତ ବିନା ଚେଷ୍ଟାରେ ତାହାପ୍ରାପ୍ତ ହୁଏ ।

''ଏ ଅଷ୍ଟାଦଶ ସିଦ୍ଧି ଯେତେ । କିଞ୍ଚିତେ ସାଧନ୍ତି ମୋ ଭକ୍ତେ ॥

ମୋ ନାମ ଶ୍ରବଣ କୀର୍ତ୍ତନେ । ସାଧ କରନ୍ତି ଅଳ୍ପ ଦିନେ ।'' (ଭାଗବତ)

—କ୍ରମଶଃ—

ସାଷ୍ଟାଙ୍ଗ ପ୍ରଣାମ ଅଷ୍ଟାଙ୍ଗ ଯୋଗ ।
ଷଡ଼ଚକ୍ରଭେଦ ଏହି ସୁଯୋଗ ॥

କରମଧାରାରେ ସ୍ଥୂଳ ନ ଥାଏ ।
ସ୍ଥୂଳ ଖୋଜେ ଯେହୁ ନିରାଶ ହୁଏ ॥

ଗୁରୁ ଭକ୍ତଥାଏ ସଂପଦ ପାଇଁ ।
ତା'ପାଶେ ଦୁର୍ଗତି ଆସଇ ଧାଇଁ ॥

ଚରମେ ପ୍ରଣାମ ଚରମେ ନତି ।
ସ୍ୱୀକାର କରିଲେ କଟେ ଦୁର୍ଗତି ॥

# ଜିଜ୍ଞାସା : ଜିଜ୍ଞାସୁ :

ରୋଗାକ୍ରାନ୍ତ ଶରୀରର ଯନ୍ତ୍ରଣାକାତର ମୁଖମଣ୍ଡଳରେ ଯାହାର ଦିବ୍ୟ ଜ୍ୟୋତିପୁଞ୍ଜର ଝଲକ ଚିର ଅମ୍ଳାନ ଥିଲା : ଅଧର କୋଣରୁ ଝରିପଡୁଥିଲା ସ୍ମିତହାସ୍ୟର ପାଖୁଡ଼ା, ସେହି ଶ୍ରଦ୍ଧେୟ 'ଦିବଂଗତ ଯତୀଶଦା' ଥିଲେ ଆଚରଣ ସିଦ୍ଧ ଆଚାର୍ଯ୍ୟ—ଆଦର୍ଶର ଗନ୍ତାଘର, ଠାକୁରଙ୍କର ପ୍ରିୟ ଶିଷ୍ୟ, ପ୍ରିୟବନ୍ଧୁ, ପ୍ରିୟସେବକ । ଆଶ୍ରମଜୀବନର ସକଳ ବ୍ୟସ୍ତତା ମଧ୍ୟରେ ଅବସର ସମୟରେ ଠାକୁରଙ୍କର ଚରମ ପାଦପଦ୍ମପୀଠରେ ବସି ସେଅଜ୍ଞାତ ଆଧ୍ୟାତ୍ମିକ ଆଲୋଚନା ଚଳାଇରଖୁଥିଲେ । ସଦାସନ୍ତୁଷ୍ଟ ଠାକୁରେ ମଧ୍ୟ ଅନୁସନ୍ଧିତ୍ସୁ ଜିଜ୍ଞାସୁ ଶିଷ୍ୟର ସକଳ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ସରଳ ଭାଷାରେ ଦେଇ ତାଙ୍କୁ ସଦା ପରିତୃପ୍ତ କରୁଥିଲେ । ସେହି ଆଧ୍ୟାତ୍ମିକ ଆଲୋଚନାର ସପ୍ରସଙ୍ଗ ବିବରଣୀର ଶତିବୃତ୍ତି ହିଁ ''ଜିଜ୍ଞାସା : ଜିଜ୍ଞାସୁ । ପାଠକ ପାଠିକାମାନଙ୍କର ମନକୋଣରେ ଉଦୟ ହେଉଥିବା ନାନାଦି ଶଙ୍କାର ସଫଳ ସମାଧାନ ଏହି ସ୍ତମ୍ଭର ନିୟମିତ ପଠନରୁ ସମ୍ଭବ ହୁଏ, ହେଉଛି ॥ ଏଥର ସେହି ''ଦଶମୋଦକ'' ସମ୍ପର୍କୀୟ ଆଲୋଚନା—

''ଚରମ'' ୪ର୍ଥ ପୁଷ୍ପ : ଷଷ୍ଠ ପାଖୁଡ଼ା : ଊନବିଂଶସଂଖ୍ୟାର ଅନୁଶ୍ରୁତିରୁ :

## ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ନାନାପ୍ରସଙ୍ଗେ :

ପ୍ରଶ୍ନ : ପ୍ରଭୋ, ଇନ୍ଦ୍ରିୟମାନଙ୍କର ବିକାର ସମ୍ବନ୍ଧରେ ଆଉ କିଛି ଅଛି କି ? ଯାହା ଜାଣିଲେ ଆଉ ଟିକେ ସହଜ ହେବ ବୁଝିବାକୁ ?

ଠାକୁରେ : ପ୍ରତ୍ୟେକ ବିଷୟରେ ଯେପରି ସ୍ୱାଦ ଓ ଅସ୍ୱାଦ ଅଛି, ସେହିପରି ପ୍ରତ୍ୟେକ ଇନ୍ଦ୍ରିୟମାନଙ୍କର ବିଷୟ ଭୋଗରେ ମଧ୍ୟ ରୁଚି ଅରୁଚି ଅଛି । ପୁନଶ୍ଚ ସୃଷ୍ଟି ଚକ୍ରର ନିୟମରେ ମଧ୍ୟ ଉତ୍ଥାନ ପତନ ଅଛି । ଏଣୁ ପ୍ରାପ୍ତି ଅପ୍ରାପ୍ତିର କାରଣ ଥାଇ ହର୍ଷ ଓ ବିଷାଦ ଆସି ଜୀବକୁ ସନ୍ତାପିତ କରୁଅଛି ।

ପ୍ରଶ୍ନ : ପ୍ରଭୋ, ସୂକ୍ଷ୍ମତଃ ଭାବଜନିତ ବିକାର କିପରି ?

ଠାକୁରେ : ଏହି ଶରୀରରେ ଇନ୍ଦ୍ରିୟମାନେ ଯଦି ଘୋଡ଼ା ହୁଅନ୍ତି ତେବେ ମନ ସେ ଘୋଡ଼ାମାନଙ୍କର ଲଗାମଧାରୀ ସଇସ । ମନ ପ୍ରତ୍ୟେକ ଇନ୍ଦ୍ରିୟର ବିଷୟଭୋଗରେ ସଂଯୋଗ ହୁଏ, ଏଣୁ ମନକୁ ଇନ୍ଦ୍ରିୟ ବୋଲି କୁହାଯାଇଛି ।

ପ୍ରଶ୍ନ : ତେବେ ମନ ପ୍ରକୃତରେ ଇନ୍ଦ୍ରିୟ ନୁହେଁ ?

ଠାକୁରେ : ସମସ୍ତ ଦଶଗୋଟି ଇନ୍ଦ୍ରିୟମାନଙ୍କର ସ୍ଥୂଳ ଦେହରେ ସ୍ଥୂଳତଃ କେନ୍ଦ୍ରମାନଅଛି । ଯାହାକୁ ନିର୍ଦ୍ଦିଷ୍ଟକରି ଆମ୍ଭେ ଇନ୍ଦ୍ରିୟମାନଙ୍କର ପରିଚୟ ନିର୍ଣ୍ଣୟ କରିଥାଉ । କିନ୍ତୁ ମନ ସ୍ଥୂଳ ଦେହରେ ସଂଯୋଗ ଥିଲେ ମଧ୍ୟ ଦେହରେ ତାର କୌଣସି ନିର୍ଦ୍ଦିଷ୍ଟ ସ୍ଥୂଳକେନ୍ଦ୍ର ନାହିଁ । ଏହି କାରଣରୁ ମନକୁ ଆମ୍ଭେ କୌଣସି ନିର୍ଦ୍ଦିଷ୍ଟ କେନ୍ଦ୍ରରେ ଅନୁଭବ ନକରି ଇନ୍ଦ୍ରିୟମାନଙ୍କର କେନ୍ଦ୍ରରେ ଅନୁଭବ କରିଥାଉ । ଯେପରି ହାତ କଟିଗଲେ ତାର ଯନ୍ତ୍ରଣାରେ ମନ ପ୍ରବେଶ କରି ଦେହରେ ପ୍ରାଣକୁ ଅନୁଭବ କରାଇ ନିଜେ ଅନୁଭବ କରେ । ଏଣୁ ମନ ଇନ୍ଦ୍ରିୟ ହୋଇନଥିଲେ ମଧ୍ୟ ଇନ୍ଦ୍ରିୟମାନଙ୍କର କାର୍ଯ୍ୟରେ ସ୍ୱତଃ ଯୋଗଦେବାରୁ ଶାସ୍ତ୍ରକାରମାନେ ମନକୁ ଦଶଇନ୍ଦ୍ରିୟମାନଙ୍କ ସହ ମିଶାଇ ଏକାଦଶ ଇନ୍ଦ୍ରିୟ ବୋଲି କହିଅଛନ୍ତି ।

ପ୍ରଶ୍ନ : ଏକାଦଶ ଇନ୍ଦ୍ରିୟ ମନର ତାହା ହେଲେ ଦେହରେ କୌଣସି ନିର୍ଦ୍ଦିଷ୍ଟ କେନ୍ଦ୍ର ନାହିଁ ?

ଠାକୁରେ : କେନ୍ଦ୍ର ଯଦି ନାହିଁ, ସେ ପୁଣି ରହିଛି କିପରି ?

ମହାଶୂନ୍ୟେ ତାର ଜ୍ୟୋତି ପ୍ରକାଶ । ଶୂନ୍ୟ ମଣ୍ଡଳରେ ତାହାର ବାସ ॥

ଶୂନ୍ୟର ନିର୍ଦ୍ଦିଷ୍ଟ କେନ୍ଦ୍ର ନାହିଁ ସତ । କିନ୍ତୁ ତାକୁ ଯେଉଁଠୁ ଧରିବ ସେଠାରେ ତାର ଗୋଟିଏ କେନ୍ଦ୍ର ସୃଷ୍ଟି ହୋଇପାରିବ ।

ପ୍ରଶ୍ନ : ଇନ୍ଦ୍ରିୟ ଆଉ ବିଷୟର ବିକାର ଯାହା ମନର ବିକାର କ'ଣ ତାହା ?

ଠାକୁରେ : ନାହିଁ । ମନର ବିକାର ସୂକ୍ଷ୍ମ ଅଟେ । ସଂକଳ୍ପ, କାମନା, ବାସନା, କଳ୍ପନା ଏଗୁଡ଼ିକ ସବୁ ଭାବ । ଏହି ଭାବର କୌଣସି ରୂପରେଖ ନାହିଁ । ଭାବଗୁଡ଼ିକ ସୂକ୍ଷ୍ମରାଜ୍ୟ ବା ଶୂନ୍ୟ ଜଗତରେ ଭାସମାନ । ମନ ସୂକ୍ଷ୍ମରାଜ୍ୟରେ ବିଚରଣ କରୁଥିବାରୁ ସେ ଏହି ଭାବଗୁଡ଼ିକର ଆକର୍ଷଣରେ ଆକର୍ଷିତ ହୋଇ ସଂଯୋଗ ହୋଇଥାଏ ଏବଂ ତତ୍ ସଙ୍ଗେ ସଙ୍ଗେ ସେହି ଭାବରେ ରଙ୍ଗିନ୍ ହୋଇ ଇନ୍ଦ୍ରିୟମାନଙ୍କୁ ଭୋଗାର୍ଥେ ବିନିଯୋଗ ହେବାକୁ ପ୍ରେରଣା ଯୋଗାଇ ଥାଏ । ମନ ଭାବର ବଶବର୍ତ୍ତୀ ହୋଇ ପ୍ରାପ୍ତି ଅପ୍ରାପ୍ତିରେ ବିକାର ଗ୍ରସ୍ତ ହୋଇଥାଏ ।

ପ୍ରଶ୍ନ : ଏହିପରି ଭାବରେ ଷୋହଳ ଗୋଟି ବିକାର ଭଲ ଓ ମନ୍ଦ ହିସାବରେ, ପ୍ରତି ମୁହୂର୍ତ୍ତରେ ମଣିଷକୁ ଗ୍ରାସ କରୁ ଅଛି । ପୁନଶ୍ଚ ସୃଷ୍ଟି ଚକ୍ରର ନିୟମରେ, ପ୍ରାପ୍ତି ଓ ଅପ୍ରାପ୍ତିରେ ଆମ୍ଭେ ବିକାର ଗ୍ରସ୍ତ ନହେବୁ କିପରି ?

ଠାକୁରେ : ସୃଷ୍ଟିରେ ପ୍ରାପ୍ତି ଅପ୍ରାପ୍ତି ଏସବୁ ଅନିତ୍ୟ ଫଳ ଅଟେ । ଯାହା ସର୍ବଦା ଥାଇ, ଦୃଶ୍ୟ ଅଦୃଶ୍ୟରେ ବିଦ୍ୟମାନ ।ଏଣୁ ଯାହାଆଜିଅଛି, କାଲିକି ତାହା ନଥିବ ଏବଂ ଆଜି ଯାହା ନାହିଁ କାଲିକି ତାହା ଆସିଯିବ । ଯଦି ତୁମ୍ଭେ ଏହିପରି ବୋଧନେଇ ପାରିବ, ତେବେ ଅନିତ୍ୟ ବୋଧର ବୋଧାର୍ଥକୁ ହୃଦୟଙ୍ଗମ କରିପାରିବ । ବିକାର ତୁମକୁ ଗ୍ରାସ କଲେ ମଧ ବିକୃତ, ଗ୍ରସ୍ତ, ବା ପତିତ କରିପାରିବ ନାହିଁ । ଯାହା ମରଣଶୀଳ ତାକୁ ଚିରଦିନ ବଞ୍ଚାଇ ରଖିବା ବା ବଞ୍ଚିରହିବାକୁ ପ୍ରୟାସ କରିବା ବୋକାମି ନୁହେଁ କି ? ତେଣୁ ହଜିଯିବା ପଦାର୍ଥକୁ ନଖୋଜିବା ଭଲ ଓ ପାଇଥିବା ପଦାର୍ଥର ଯତ୍ନ ନେବା ଭଲ । ଆଉ ଏହିପରି ବୋଧ ନେବା ପାଇଁ ବ୍ୟକ୍ତି ତାର ନିଜ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ ।

ପ୍ରଶ୍ନ : ମନୁଷ୍ୟ ଭିତରେ ଏପରି ବୋଧ ଆସୁନାହିଁ କାହିଁକି ? ବା ଆମ୍ଭେ ବିଷୟର ଉତ୍ଥାନପତନରେ ଏପରି ଅନିତ୍ୟ ପଦାର୍ଥର ବୋଧ ନେଇପାରୁନାହୁଁ କାହିଁକି ?

ଠାକୁରେ : ଗୁରୁଜ୍ଞାନର ଅଭାବରୁ ।

ପ୍ରଶ୍ନ : ଆମ୍ଭେ ଭାବିଥିଲୁ ଗୁରୁଙ୍କ ଆଶ୍ରିତରୁ । ଗୁରୁ ପ୍ରତ୍ୟକ୍ଷରେ ଆମ୍ଭର ବିକାରୀୟ ଦୁଃଖକୁ ବିନାଶ କରିବେ । କିନ୍ତୁ ବର୍ତ୍ତମାନ ଆଲୋଚନାରୁ ସୁସ୍ପଷ୍ଟ ଯେ ଗୁରୁ ପରୋକ୍ଷରେ ରହି ଜ୍ଞାନ ବଳରେ ବୋଧଦେବେ ମାତ୍ର;କିନ୍ତୁ ଦୁଃଖ ଆମ୍ଭେ ଭୋଗିବୁ । ପ୍ରଭୋ ଡ଼ର ଲାଗୁଛି ।

ଠାକୁରେ : ତୁମ୍ଭେ ଡରିଲେ, ଡର କ'ଣ ତୁମକୁ ଛାଡ଼ିଦେବ । ଅନିତ୍ୟ ଫଳର ବୋଧନେଇ ସାହସ ସଞ୍ଚୟ କର, ଦୃଢ଼ ହୁଅ, ଜାଗୃତି ଆଣ । ମନେରଖ ଗୋଟିଏ ବୋଧକୁ କାଟିବାକୁହେଲେ ଆଉ ଗୋଟିଏ ବୋଧର ଆବଶ୍ୟକ ପଡ଼େ । ଯେପରି କଣ୍ଟାକୁ କଣ୍ଟାରେ କଢ଼ାଯାଏ । ପ୍ରତ୍ୟକ୍ଷ ଓ ପରୋକ୍ଷ ଉଭୟ ସମାନ ଅଟେ । ପ୍ରତ୍ୟକ୍ଷ ନଥିଲେ ପରୋକ୍ଷର ମାନେ କିଛିହୁଏ ନାହିଁ । ଆଉ ତୁମ୍ଭକୁ ପ୍ରତ୍ୟକ୍ଷରେରହି ଜ୍ଞାନର ବୋଧ ଦେବ କିଏ ?

ପ୍ରଶ୍ନ : ଗୁରୁ ଓ ସଂଘ ଏହା ଭିତରେ କ'ଣ ପ୍ରଭେଦ ଅଛି ?

ଠାକୁରେ : ଗୁରୁ ଓ ସଂଘ ମଧ୍ୟରେ କିଛି ତଫାତ୍ ନାହିଁ ।

ପ୍ରଶ୍ନ : ଯଦି ଗୁରୁ ଓ ସଂଘ ଏକ । ତାହାହେଲେ ଏପରି ଦୁଇଟି ଶବ୍ଦରେ ଏକ ବିଷୟକୁ ସୂଚିତ କରାଯାଇଛି କାହିଁକି ? ଭଲ ଭାବରେ ବୁଝାଇ ଦିଅନ୍ତୁ ।

ଠାକୁରେ : କାର୍ଯ୍ୟ ଓ କାରଣ ଭେଦରେ । ଯେପରିସୂର୍ଯ୍ୟ ଆଉ ତାଙ୍କର ରଶ୍ମି ଏକ ଓ ଅଭିନ୍ନ ।ଏଠାରେ ସୂର୍ଯ୍ୟ କାରଣ ହେଲେ ରଶ୍ମି ହେଉଛି କାର୍ଯ୍ୟ । ଠିକ୍ ସେହିପରି ଗୁରୁ ହେଉଛନ୍ତି କାରଣ ଓ ତାଙ୍କର ଆଜ୍ଞା ରଶ୍ମି ସଦୃଶ କାର୍ଯ୍ୟକାରିଣୀ ଶକ୍ତି, ସଂଘ ଅଟେ ।ଏଣୁ ସଂଘ ଶକ୍ତି ଅଟେ । ତଥା ଗୁରୁଙ୍କର ଆଜ୍ଞା ତୁମ ପାଇଁ ହେଉଛି ଶକ୍ତି ।

ପ୍ରଶ୍ନ : ବିକାର ଗ୍ରସ୍ତ ହେଲେ ସଂଘ ବର୍ଜନ ନକରିବାକୁ କହୁଛନ୍ତି କାହିଁକି ?

ଠାକୁରେ : ସଂଘ ବର୍ଜନ କଲେ ସଂହତିରୁ ଯେଉଁ ଶକ୍ତି ମିଳେ ତହିଁର ଅଭାବରେ ତୁମେ ଯଥା ସମୟରେ ଠକି ଯିବ ।

ପ୍ରଶ୍ନ : ସଂଘରେ ଯେଉଁମାନେ ସଙ୍ଗତି ନେଇ କାମ କରନ୍ତି, ସେମାନେ କ'ଣ ସିଦ୍ଧ ?

ଠାକୁର : ସଂଘରେ ଯେଉଁମାନେ ସଂଗତି ନିଅନ୍ତି ସେମାନେ ସିନା ସିଦ୍ଧ ନୁହଁନ୍ତି । କିନ୍ତୁ ଗୁରୁଙ୍କର ଆଜ୍ଞାରେ ସିଦ୍ଧିଥାଏ । ମୋଟା ମୋଟି ଆଜ୍ଞାସିଦ୍ଧ । ତୁମେମାନେ ବୈଷୟିକ ବିଷୟର ଅଭାବରୁ ସଂଗତି ବର୍ଜନ କରିପାର କିନ୍ତୁ ତୁମ ପାଇଁ ଗୁରୁଙ୍କ ଆଜ୍ଞାରେ ଗଢ଼ା ସଂଘ ଭାଙ୍ଗି ଯିବ ନାହିଁ । ଯାହା ଜଗତ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ତାହା ନିଶ୍ଚୟ ରହିବ ।

ପ୍ରଶ୍ନ : ବିକାର ଗ୍ରସ୍ତ ହୋଇ ସଂଘରେ ରହିଲେ ଲାଭ କଣ ହେବ ?

ଠାକୁର : ଯାହାକୁ ବିକାର ଗ୍ରାସ କରିବ ସେ ସଂଘରେ ଆଦୌ ବସି ପାରିବ ନାହିଁ । ଆଉ ଯଦି ବା ବସେ ସେ ନିଶ୍ଚୟ ଯାହାକୁ ହେଲେ କାମୁଡ଼ି ପକାଇବ । ବିକାର ଗ୍ରାସ କରିଲେ ସଂଘ ବର୍ଜନ ଅବଶ୍ୟମ୍ଭାବୀ ।

ପ୍ରଶ୍ନ : ପ୍ରାପ୍ତି ଅପ୍ରାପ୍ତିରେ ହର୍ଷ ବିଷାଦ ଆସିବା ସ୍ୱାଭାବିକ କି ?

ଠାକୁରେ : ଗୁରୁଜ୍ଞାନର ବୋଧ ନେଇ ପାରିଲେ ବିକାର ଆସିଲେ ମଧ ଗୁରୁଜ୍ଞାନକୁ ଗ୍ରାସ କରିପାରିବ ନାହିଁ । ବରଂ ଗୁରୁଜ୍ଞାନର ବୋଧ ବିକାର କୁ ଗ୍ରାସ କରି ସଙ୍ଗତି ପ୍ରତି ଅନୁରାଗ ଆଣିବ ।

ପ୍ରଶ୍ନ : ସଙ୍ଗତି ପ୍ରତି ଅନୁରାଗ ଆସିଲେ ଲାଭ କଣ ହେବ ?

ଠାକୁରେ : ଆମ୍ ଜ୍ଞାନ ପ୍ରାପ୍ତି ମାର୍ଗରେ ବୈଷୟିକ ଲାଭ କ୍ଷତିର ହିସାବ କରାଯାଏ ନାହିଁ । ସଙ୍ଗତି ଜଗତ କଲ୍ୟାଣର ମାର୍ଗ, ଶକ୍ତିର ମୂର୍ତ୍ତିମନ୍ତ ପ୍ରତୀକ, ରାଷ୍ଟ୍ର ଯଦି ଶକ୍ତିଶାଳୀ ହୁଏ ଶତ୍ରୁ ଭୟ କରେନା କି ? ଜଗତର କଲ୍ୟାଣ ହେଲେ ଜଗତଭିତରେ ଥିବା ବ୍ୟକ୍ତି ବିଶେଷର କଣ ଅକଲ୍ୟାଣ ହେବ ? ଜଗତ ଯଦି ଶସ୍ୟଶାଳୀ ହୁଏ ବ୍ୟକ୍ତି କଣ କ୍ଷୁଧିତ ରହିବ । ବ୍ୟକ୍ତି ସିନା ସ୍ୱାର୍ଥାନ୍ଧ ହୋଇ ଅନ୍ୟକୁ ବିପର୍ଯ୍ୟସ୍ତ କରି ନିଜର କଲ୍ୟାଣ ଉଦ୍ୟମରେ ଲାଗିପଡ଼େ, କିନ୍ତୁ ଅର୍ଜିତ ପଦାର୍ଥ ନିଜର କଲ୍ୟାଣ କରିବା ପରିବର୍ତ୍ତେ ଅକଲ୍ୟାଣ କରିଥାଏ । ସେ ପରଶ୍ରୀକାତରତାର ଶିକାର ହୁଏ ।

ପ୍ରଶ୍ନ : ଗୋଟିଏ ପରିବାର ଭିତରେ ବ୍ୟକ୍ତି ଯେତେବେଳେ ସଙ୍ଗତି ନେଇ ପାରୁନାହିଁ । ବାପା ମାଆ, ପୁଅ ଝିଅ ଭାଇ ଭାଇ ଭିତରେ ଗଣ୍ଡ ଗୋଳ । ଆମେ ପୁଣି ଜଗତ କଲ୍ୟାଣର ସଙ୍ଗତି ନେବୁ କିପରି ? ଏହା କ'ଣ ସମ୍ଭବ ?

ଠାକୁର : ବ୍ୟକ୍ତି ଯେତେବେଳେ ନିଜ ଭିତରେ ଥିବା ନିଜର ବ୍ୟକ୍ତିତ୍ୱ ସହିତ ସଙ୍ଗତି ନେଇ ପାରିବ, ସେତେବେଳେ ଆପଣା ଛାଏଁ ଜଗତ କଲ୍ୟାଣ ରେ ସଙ୍ଗତି ଆସିବ ।


ପ୍ରଶ୍ନ : କିପରି ?

ଠାକୁରେ : ଜନ୍ମ ଜନ୍ମାନ୍ତର ବାଦରୁ ସୃଷ୍ଟ ସଂସ୍କାର ସମୂହ ନର ଶରୀରରେ ବୃତ୍ତି ତୋଳେ । ଏହି ବୃତ୍ତି ବାହ୍ୟଜଗତର ଦୃଶ୍ୟମାନ ପଦାର୍ଥକୁ କେନ୍ଦ୍ର କରି ଦେହ ଓ ମନରେ ଭାବ ତୋଳି ବିଷୟ ଦିଗକୁ ଆକର୍ଷଣ କରି ଅନିୟନ୍ତ୍ରିତ ଭାବରେ ବ୍ୟକ୍ତିକୁ ଗତି କରାଇ ସ୍ୱାର୍ଥାନ୍ଧ କରିଦିଏ । ସଂସ୍କାରରୁ ସୃଷ୍ଟ ବୃତ୍ତି ଗୁଡ଼ିକୁ ପ୍ରଦର୍ଶିତ ପଥରେ ନିୟନ୍ତ୍ରଣ କରିପାରିଲେ, ଶରୀର ସ୍ଥିତ ପ୍ରକୃତି ଗଣ ଓ ଅଇରି ମାନଙ୍କ ମଧ୍ୟରେ ପରସ୍ପର ପ୍ରତି ସଙ୍ଗତି ଆଣି ଶକ୍ତିଶାଳୀ ହୁଅନ୍ତି । ଏଣୁ ନିଜେ ନିଜକୁ ସଜାଡ଼ି ଦେଇ ପାରିଲେ ନିଜର କଲ୍ୟାଣ ସାଧନ ହେବା ସହିତ ଜଗତର କଲ୍ୟାଣ ମଧ ସାଧିତ ହୋଇ ପାରିବ ।

— କ୍ରମଶଃ —

***

# ରଙ୍ଗମଞ୍ଚ



## ସମ୍ଭବାମି ଯୁଗେ ଯୁଗେ ........ ଜନନୀ , ଜଠର, ଜରାୟୁ

ପଞ୍ଚଭୂତୁଁ ପଞ୍ଚ    ମହାଶକ୍ତି ଧରି
ଜନନୀ ଜଠରେ ବାସ ।
ତହିଁ ସୂକ୍ଷ୍ମ କ୍ରିୟା    ସମାପନ କରି
ଧରାଧାମରେ ପ୍ରକାଶ ।।''

*ପରମପ୍ରେମମୟ ଭାବଗ୍ରାହୀ ଭକ୍ତବତ୍ସଳ କରୁଣାସାଗର ଶ୍ରୀଶ୍ରୀଠାକୁର ମାତୃଗର୍ଭରେ ଥାଇ ନାନାଦି ସୂକ୍ଷ୍ମକ୍ରିୟା ସମ୍ପାଦନ କରୁଥିଲେ ଏବଂ ସେହି ଅବସ୍ଥାର ସୂକ୍ଷ୍ମାନୁଭୂତି ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ''ଚରମ'' ର ଜନ୍ମଜାତକ ଠାରୁ ଅଦ୍ୟାବଧି ପ୍ରତିଟି ସଂଖ୍ୟାରେ ଏହି କ୍ରମରେ ''ଜନନୀ, ଜଠର, ଜରାୟୁ'' ଶୀର୍ଷକରେ ପ୍ରକାଶ କରିବାପାଇଁ ସଦୟ ଅନୁମତି ଦେଇଛନ୍ତି । ସେହି ସୂକ୍ଷ୍ମାନୁଭୂତିର ସ୍ୱାକ୍ଷର ବହନ କରେ 'ସମ୍ଭବାମି ଯୁଗେ ଯୁଗେ' । 'ଚରମ' ର ପଞ୍ଚମ ମର୍ତ୍ତ୍ୟାବତରଣ ବିଶେଷାଙ୍କରେ ସେହି ଅନୁଶ୍ରୁତିର ନୈବେଦ୍ୟ :—*

'ଚରମ''ପୂର୍ବସଂଖ୍ୟାର ଶୁଭାନୁଶ୍ରୁତିରୁ......................

### (୪୦) ରଜ୍ଜୁଗୁର୍ଜ୍ଜରୀ କୋଷ :    ❖ ଜନନୀ, ଜଠର, ଜରାୟୁ

ପିଣ୍ଡରେ ଏହି କୋଷଗୁଡ଼ିକ ପାହାଚ ପରେ ପାହାଚ ଅତିକ୍ରମ କରି ପର୍ଯ୍ୟାୟକ୍ରମରେ ପଞ୍ଚଭୂତ ଦ୍ୱାରା ଯାହାପରେ ଯାହାର କାର୍ଯ୍ୟ କ୍ରମାନ୍ୱୟରେ କରିଚାଲିଥାଆନ୍ତି । ସୂକ୍ଷ୍ମପିଣ୍ଡରେ ପ୍ରତ୍ୟେକ ଇନ୍ଦ୍ରିୟର ସୂକ୍ଷ୍ମାଂଶ ବିଷୟ ଜୀବକୁ ଅଗୋଚର ଥାଏ । ଏହି ଅଗୋଚର ଅବସ୍ଥାରେ ଆଭିଣୀକୋଷ ଜାଲଛନ୍ଦ କରାଇ ସ୍ଥୂଳପିଣ୍ଡରେ ଇନ୍ଦ୍ରିୟର କର୍ମସୂତ୍ର ପର୍ଯ୍ୟନ୍ତ ଅପେକ୍ଷା କରିଥାଏ । ଚର୍ମରେ ଚକ୍ଷୁନିର୍ମାଣ କରି ଆଲୋକ ଓ ରୂପର ସୁଗମପଥ ତୋଳିବା, କର୍ଣ୍ଣର ଶ୍ରବଣ ଶଙ୍ଖ ତିଆରିକରି ଶବ୍ଦର ପଥ ପରିଷ୍କାର କରିବା, ନାସା ତିଆରି କରି ସୁଗନ୍ଧ ଦୁର୍ଗନ୍ଧ ବାରିବାର ଶକ୍ତି ସଂଚୟ କରିବା, ମୁଖ, ଜିହ୍ୱା, ସ୍ୱରଯନ୍ତ୍ର ନିର୍ମାଣ କରି ରସ ବାରିବାର ଶକ୍ତିଦେବା ଓ ସ୍ୱ,କୁ ଶବ୍ଦ ଓ ଭାଷା ପରିସ୍ଫୁଟ କରିବାର ଶକ୍ତି ଦେବା କାର୍ଯ୍ୟ ଜରାୟୁରେ ପିଣ୍ଡ ଦେହରେ ଆଭିଣୀକୋଷ ତିଆରି କରେ । ପିଣ୍ଡରେ ଇନ୍ଦ୍ରିୟଗଣର ସ୍ଥିର ଚଳନିର ଭାବ ତୋଳିବାରେ ଆଭିଣୀ ଆଉଏକ କୋଷର ସହଯୋଗ ନିଏ । ସୂର୍ଯ୍ୟଙ୍କର ସହସ୍ରାଂଶୁରୁ ଏକ ଅଂଶୁ ଅଣୁ ସୂତ୍ରାଦିହୋଇ ଜରାୟୁରେ ପ୍ରବେଶ କରେ ।

**ଆ**ଭିଣୀ କୋଷ ଯେଉଁ କୋଷର ସାହାଯ୍ୟ ସହଯୋଗ ନିଏ, ତାହାର ନାମ ରଜ୍ଜୁଗୁର୍ଜ୍ଜରୀ କୋଷ । ଏହି କୋଷପିଣ୍ଡରେ ସବୁବେଳେ ଜାଗ୍ରତ ଅବସ୍ଥାରେ ଥାଏ । ଏହି କୋଷର ଅଂଶୁରେଖା ଛଅଗୋଟି ।  ଏହି ଅଂଶୁରେଖା ସାତବର୍ଣ୍ଣରେ ତିଆରି । ଇନ୍ଦ୍ରିୟଗଣର ସ୍ଥୂଳ କାର୍ଯ୍ୟ, ସ୍ଥିତି ଓ ଆକାର ତିଆରି କରି ପ୍ରାରବ୍ଧ,ସଞ୍ଚିତ ଏବଂ କ୍ରିୟମାଣରେ ଗଚ୍ଛିତ ରଖି ଏହା ସ୍ଥୂଳକୋଷ ରୂପ ଗ୍ରହଣ କରିଥାଏ । ଶିଶୁ ଭୂମିଷ୍ଠ ହେବାପରେ ଏହି କୋଷ ବୟସାନୁପାତରେ ରୋଗ, ଶୋକ, ଦୁଃଖ, ଜରା ଏବଂ ଯୋଗକ୍ରିୟାରେ ଅଧିକରୁ ଅଧିକତର ମାତ୍ରା ବୃଦ୍ଧି କରାଇ ଥାଏ । ଶିଶୁ ଜରାୟୁରେ ଥିବା ଅବସ୍ଥାରେ ବାୟୁରୁ ଉତ୍ଥାନକ ଅଣୁ ସଂଗ୍ରହ କରି ଚକ୍ଷୁର ସ୍ୱଚ୍ଛ ପଟହ, ଚତୁଃପାର୍ଶ୍ୱରେ ଧବଳ ଓ କଳାରଂଗର ବଳୟ ତିଆରିକରେ । ଚନ୍ଦ୍ରଙ୍କର ଭୋମିନି କଳା ଏବଂ ସୂର୍ଯ୍ୟଙ୍କର ମୌକିକୀ ଅଂଶୁର କଳା ଏହି କୋଷ ଦ୍ୱାରା ସଂଗଠିତ ହୋଇ ଚକ୍ଷୁର ଚତୁଃପାର୍ଶ୍ୱରେ ଆଲୋକ ରେଖାଭଳି ଏକୋଇଶ ଦିନ ପର୍ଯ୍ୟନ୍ତ ଘୁରିବୁଲନ୍ତି । ସହସ୍ରାଗାର ପର୍ଯ୍ୟନ୍ତ ଧବଳ ବର୍ଣ୍ଣ ଧାରଣ କରି ଆଲୋକରଶ୍ମି ଗଚ୍ଛିତ କରି ରଖି ଥାଆନ୍ତି । ସହସ୍ରାଗାରରୁ କୌନ୍ତିକ ଆଲୋକ ଗୃହକୋଷର ଆଲୋକ ଚକ୍ଷୁକୁ ଯାତାୟତ କରନ୍ତି । ଏହି ଯାତାୟତ ପଥରେ ଆଭିଣୀ ଓ ରଜ୍ଜୁଗୁର୍ଜ୍ଜରୀ ବେନିକୋଷ ସହାୟକ ହୁଅନ୍ତି । ଏହି ସ୍ନାୟୁଗୁଡ଼ିକ ଦୁର୍ବଳ ଅବସ୍ଥାକୁ ଆସିଲେ, ସହସ୍ରାରେ ଥିବା ସ୍ୱହଗାଲୋକ ଚକ୍ଷୁକୁ ଯାତାୟତ ପଥଦେଇ ଆସିପାରେ ନାହିଁ ।କାରଣ ଏହି ଅବସ୍ଥାରେ ଚକ୍ଷୁ ଅଧିକାଂଶ ସମୟରେ ମୁଦ୍ରିତ ଅବସ୍ଥାରେ ଥାଏ । ଶବ୍ଦନାଦର ଆବେଗିକ ଶକ୍ତି ଦ୍ୱାରା ସହସ୍ରା ପୂର୍ଣ୍ଣ ଦାୟିତ୍ୱରେଥାଏ । ଧାତୁବର୍ଣ୍ଣିତ ଆଲୋକରେ ସହସ୍ରାଚକ୍ଷୁର ପରଳରେ ପଞ୍ଚମହାଭୂତଠାରୁ ଭିନ୍ନ ଭିନ୍ନ ସୂକ୍ଷ୍ମ ବର୍ଣ୍ଣ କଣିକା ସଂଗ୍ରହ କରି ଠୁଳକରେ । ଏହି କାର୍ଯ୍ୟରେ ଆଭିଣୀ ଓ ରଜ୍ଜୁଗୁର୍ଜ୍ଜରୀ କୋଷ ସହାୟକ ହୋଇ ଥାଆନ୍ତି । ଏହି କୋଷଦ୍ୱୟ ପଞ୍ଚମହାଭୂତରୁ ଅଷ୍ଟଧାତୁର ସୂକ୍ଷ୍ମ ଆଲୋକର ବର୍ଣ୍ଣ ଆଣି ଗଚ୍ଛିତ କରି ସମଗ୍ର ଶରୀରକୁ ଶକ୍ତିଯୋଗାଇବାରେ କ୍ଷମତା ପୂର୍ଣ୍ଣତଃ ସମ୍ପାଦନ କରିଥାଆନ୍ତି । ଶିଶୁ ପୂର୍ଣ୍ଣ ଅବୟବ ହେବା ପର୍ଯ୍ୟନ୍ତ ଏହି କାର୍ଯ୍ୟ ଅନବରତ ଚାଲିଥାଏ ।

**ସ**ହସ୍ରାରେ ଚଉଷଠି ଗୋଟି ସ୍ତର ଅଛି । ଏହି ସ୍ତରଗୁଡ଼ିକୁ ପଞ୍ଚମହାଭୂତର କାରଣଜଗତରୁ ଆଲୋକ ଆସି ପିତୃଯାନ ମଣ୍ଡଳର ତୀର୍ଯ୍ୟକ୍ ଆଲୋକ ବିନ୍ଦୁର ସୂକ୍ଷ୍ମ ଅଣୁଚକ୍ରିକା ପୂର୍ଣ୍ଣିମା ଓ ସଂକ୍ରାନ୍ତିରେ ହଳଦିଆ ବର୍ଣ୍ଣ ଧାରଣ କରି 'ବଲବ୍' ଭଳି ରଶ୍ମି ସୃଷ୍ଟି କରି ସହସ୍ରାଗାରରେ ବିଚ୍ଛୁରିତ କରାଇ ଥାଏ । ଏହି ଆଲୋକ ବିଚ୍ଛୁରିତ ହେବା ସମୟରେ ମହାଶୂନ୍ୟର ବ୍ରହ୍ମଙ୍କଠାରୁ ମଧ୍ୟ 'ମାଆ' ମଣ୍ଡଳରେ ଏକାଠି ହୋଇଗୈରିକ ହରିଦ୍ରାମିଶିଯାଇ 'ମାଆ' ଆତ୍ମା ସହିତ ଯୋଗ ହୋଇଯାଆନ୍ତି ।

**ମା**ଆର ଅଚେତନ ଅବସ୍ଥାରେ  ଏସବୁ କାରଣଜଗତର ସୂତ୍ରପାତ ସଂଘଟିତ ହୋଇଥାଏ । ମାଆଙ୍କଠାରେ ଆଲୋକପାତ ହେବାର କାରଣ ହେଉଛି  , ମାଆର ସ୍ୱଭାବ ଶିଶୁପିଣ୍ଡ ମଧ୍ୟକୁ କ୍ଷୁଦ୍ରାଣୁକୋଷ ଭାବରେ ଆସି  ଜରାୟୁର ଶିଶୁ ପିଣ୍ଡକୁ ସହସ୍ରାରେ ଘୂର୍ଣ୍ଣନ କରାଏ । ଏପରି ଘୂରିବା ଦ୍ୱାରା କାରଣ ସୂତ୍ରାବସ୍ଥାରେ ଶିଶୁ ମୂହୂର୍ତ୍ତକ ପାଇଁ  ଜଡ଼ ଅବସ୍ଥା ପ୍ରାପ୍ତ ହୋଇ ରହିଯାଏ । ସହସ୍ରାର ଆଲୋକ ପ୍ରତିଫଳନ ହେବା ସମୟରେ ଚକ୍ଷୁଦ୍ୱୟରେ ଗୋଲାକୃତି ରେଖା ସହସ୍ରାରେ ଥିବା ଚଉଷଠି ସୂକ୍ଷ୍ମସ୍ତର ଚକ୍ଷୁଦ୍ୱୟକୁ ଛାଞ୍ଚୁଣିମୁଠା ଭଳି  ଆଚ୍ଛାଦିତ  କରି ରଖିଥାଏ । ଏହି ଅବସ୍ଥାରେ ମାଆ ଚକ୍ଷୁ, ଗଳା, କପାଳରେ ଯନ୍ତ୍ରଣା ଅନୁଭବ କରେ । ଏହି ଯନ୍ତ୍ରଣା ଅଢ଼େଇ ଦିନ ପର୍ଯ୍ୟନ୍ତ ଭୋଗ ହୁଏ । ତା'ପରେ ଏହି ଯନ୍ତ୍ରଣା ସ୍ୱତଃଉପଶମ ହୋଇଯାଏ । ସହସ୍ରାରୁ ଚକ୍ଷୁକୁ ଆସିଥିବା ଆଲୋକ, ପଞ୍ଚମହାଭୂତର କାରଣଅଣୁ ଏବଂ ବ୍ରହ୍ମଙ୍କର ଧୃତାଶିଷ ଚକ୍ରରେଖା ଏହିସମୟରେ ଏକାଠି  ହୋଇ ପୁଣି 'ଦେବଯାନ' ମଣ୍ଡଳକୁ ଯାଇ ଚତୁର୍ଥବାର ଦୋଳାୟମାନ ଅବସ୍ଥାରେ ଥାଆନ୍ତି । ଏକ ସପ୍ତାହବ୍ୟାପି ବ୍ରହ୍ମଙ୍କଠାରୁ ଆଲୋକର ଅଣୁ ଆସି 'ଦେବଯାନ' ମଣ୍ଡଳରେ କ୍ରିୟା ତୋଳେ ।

'ଦେବଯାନ'ରୁ ପ୍ରେରିତ ସୁପ୍ତ ଆତ୍ମାର ପ୍ରକୃତିକୁ କର୍ମଫଳ ଅନୁଯାୟୀ ସ୍ୱଚ୍ଛ ଜୀବର ନୂଆ ଆକୃତିଧାରଣ କରାଇ ପୁଣି ବ୍ରହ୍ମଙ୍କ ନିକଟକୁ ଫେରି ଯାଆନ୍ତି । ସେଠାରେ ପହଞ୍ଚି ସାଢ଼େତିନି ଦିନରେ ଫଳ ଭୋଗଚକ୍ରର ପାହାଚ ଅତିକ୍ରମ କରି ସାରି ପୁଣି ଜରାୟୁକୁ ଆସନ୍ତି । ଏହିପରି ଭାବରେ ଦେବଯାନ, ବ୍ରହ୍ମ ଓ ସହସ୍ରାର ଘୂର୍ଣ୍ଣନ ଅବସ୍ଥାରେ ପିଣ୍ଡରେ ସ୍ଥିତିସଂପୂର୍ଣ୍ଣ ଭିତ୍ତିମୂଳକ ଅବସ୍ଥା, ଚର୍ମ ସହିତ ସ୍ନାୟୁ ଓ କୋଷ ଗଠନ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୁଏ । ସହସ୍ରାଗାରରେ ଚକ୍ଷୁ ପାଇଁ ସୃଷ୍ଟି ହେଉଥିବା କ୍ରିୟାକର୍ମ ଅମାବାସ୍ୟା ତିଥିରେ ଧୂସର ବର୍ଣ୍ଣର ଅଣୁଚକ୍ରିକା ସୃଷ୍ଟି କରନ୍ତି । ଧୂସର ବର୍ଣ୍ଣ ଧାରଣ କରିଥିବା ଅବସ୍ଥାରେ ଜରାୟୁରେ ଥିବା ପଦ୍ମର ପାଖୁଡ଼ାଗୁଡ଼ିକ ମୁଦ୍ରିତ ହୋଇ ଧବଳ ବର୍ଣ୍ଣ ଧାରଣ କରନ୍ତି ଓ ଏହି ଅବସ୍ଥାରେ ସହସ୍ରାରୁ ନାଭି ସୂତ୍ରକ 'ପନିଧା ଚକ୍ର କୁଣ୍ଡ''କୁ କୁଣ୍ଡଳିନୀରେ ସର୍ପ ଆକୃତିରେ ପରିଣତ କରେ । ଏହାକୁ କୁଣ୍ଡଳିନୀର 'କୁଳିକ ସର୍ପ'' କୁହାଯାଏ ।

ପ୍ରତ୍ୟେକ ଅମାବାସ୍ୟାତିଥିରେ ସହସ୍ରାର କୁନ୍ଦକ କୋଷ ସୁଷୁମ୍ନାରେ ପ୍ରବେଶ କରି ଚବିଶ ଘଣ୍ଟାକାଳ ଘୂରି ବୁଲି ଚକ୍ଷୁର ଡୋଳାରେ ପ୍ରବେଶ କରି ପୁଣି ତା'ର ସ୍ୱସ୍ଥାନକୁ ଫେରିଆସେ । ଏହିକ୍ରିୟା ଚାଲିଥିବା ସମୟରେ ଚକ୍ଷୁର ବର୍ଣ୍ଣ ଧୂଆଁଳିଆ ହୋଇଯାଏ । ଅମାବାସ୍ୟା ଗତ ହୁଅନ୍ତେ ଧୂଆଁଳିଆ ଭାବ ଲିଭିଯାଏ । ଚକ୍ଷୁର ଆକୃତି ଗଠନ ସାରିବା ପରେ ଆଭିଣୀ କୋଷ ସହସ୍ରାରେ ଥାଇ କୁନ୍ଦକକୋଷକୁ ମନ୍ଥର ଗତିରେ ଆସି ସେଠାରୁ ନୀଳବର୍ଣ୍ଣର କାରଣ ଅଣୁମାନ ନେଇ ଦ୍ରୁତଗତିରେ ସହସ୍ରାକୁ ଫେରିଯାଇ ସେଠାରେ 'ବେଲୁନ୍' ଆକୃତିର ରେଖାମାନ ସୃଷ୍ଟି କରେ ।

ବେଲୁନ୍ ଭଳି ରେଖାକୃତି ସୃଷ୍ଟି ହେବାର କାରଣ ହେଉଛି, ସେ ସମୟକୁ ଚିତ୍ତଗୃହ ନିର୍ମାଣ କାର୍ଯ୍ୟ ପିଣ୍ଡରେ ପୂର୍ଣ୍ଣାଙ୍ଗ ହୋଇ ନଥାଏ । ଚିତ୍ତଗୃହ ନିର୍ମାଣ ପାଇଁ ରଜ୍ଜୁଗୁର୍ଜରୀ କୋଷ ଜାଲକ ବିସ୍ତାର କରିଥାଏ । ଯୋଗାମାୟାଙ୍କର ଆଲୋକ ନଅଦିନ ପର୍ଯ୍ୟନ୍ତ କେବଳ ଦିବାଭାଗରେ ଚିତ୍ତଗୃହ ନିର୍ମାଣ କାର୍ଯ୍ୟର କ୍ରିୟାନୁଷ୍ଠାନରେ ସାହାଯ୍ୟ କର୍ମ ଆରମ୍ଭ କରେ । ସହସ୍ରାରୁ ରଶ୍ମିରେଖା ଦ୍ୱୟ ଚିତ୍ତରେ ପ୍ରବେଶ କରନ୍ତି । ତତ୍ପରେ ସେଠାରେ ସ୍ଥିର ହୋଇ ପାଞ୍ଚଘଣ୍ଟା ପର୍ଯ୍ୟନ୍ତ ରହିଯାଆନ୍ତି । ଏହି ରହଣି ସମୟରେ ସହସ୍ରାରେ ହଠାତ୍ ବ୍ରହ୍ମଙ୍କଠାରୁ ଗୈରିକ ବର୍ଣ୍ଣର ଆଲୋକ ରଶ୍ମି ଆସି ଠୁଳ ହୋଇରହିଥାଏ । ମତି ରହିବା ସ୍ଥାନରେ ପ୍ରନ୍ଥିବଚର୍ମ ଆବରଣ ହୋଇ ଏଗାରଟି କୁନ୍ଦକ ଆଲୋକ ରେଖା ରଜ୍ଜୁଗୁର୍ଜରୀ କୋଷକୁ ଧାଇଁ ଆସନ୍ତି ।

—କ୍ରମଶଃ—

❊❊❊

ସତ୍‌ସଙ୍ଗେ ବସି ପଞ୍ଚପ୍ରଣାମ,
କଲେ ଲଭିବୁ ଅନ୍ତିମେ ଚରମ ।

ଚରମରେ ଚଢ଼ି ଚରମ ଆସେ ,
ଚରମେ ଚରମ ବାନ୍ଧିବା ଆଶେ ।

ହସତାମସାରେ ଭୁଲିବ ଯଦି ,
ସାଧନାଫଳଟି ହୋଇବ ରଦି ।

ଦେହଘଷା ହୋଇ ହେଉଛୁ ବାୟା,
ଦେହଭାବ ଥିଲେ ନତୁଟେ ମାୟା ।




| | |
|---|---|
| କେତେ ତପ କରି | ମାନବ ଶରୀର |
| ପାଇଥିଲୁ ଆରେ ଧନ । | |
| ଅନାଚାରୀ ହୋଇ | ଅନୀତିରେ ରହି |
| ଉଜାଡ଼ିଲୁ ତନୁ ମନ ॥ | |

ପରମ ପ୍ରେମମୟ ଦୀନଦରଦୀ ଠାକୁରଙ୍କ କରୁଣାଘନ କଲ୍ୟାଣଧାରା ଅବାରିତ ଝରିପଡ଼େ, ଝରିପଡୁଛି ଏହି ଭବବନ୍ଧନରେ ବଦ୍ଧ ଜଡ଼ମୂଢ଼ ଜୀବକୁଳ ପାଇଁ । ବିଷୟଲାଳସାର ପରିପୂର୍ତ୍ତି ପାଇଁ ଇନ୍ଦ୍ରିୟଗଣର ଆହ୍ୱାନରେ ମନ ଆକୃଷ୍ଟ ହୋଇ ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଘ୍ରାଣ ପାଇଁ ଆକୁଳ ପ୍ରାଣୀ ଜୀବଧର୍ମର ବଶବର୍ତ୍ତୀ ହୋଇ ଦୁର୍ଲ୍ଲଭ ମାନବ ତନୁ, ଜୀବନ ଓ ଶରୀରକୁ ପ୍ରତିମୁହୂର୍ତ୍ତରେ ତିଳତିଳ କରି ନଷ୍ଟକରି ଅନୀତି ଅନାଚାରୀ ହୋଇ ତନୁମନବନକୁ ଉଜାଡ଼ି ଦିଏ । ସେହି ଉଜୁଡ଼ା କ୍ଷେତକୁ ସଜାଡ଼ିବାର ଅଭିପ୍ରାୟରେ ''ଚରମ''ର ପୂର୍ବସଂଖ୍ୟାର ଅନୁଶ୍ରୁତିରେ ଠାକୁରଙ୍କ ଅମୃତସ୍ରାବୀ ଲେଖନୀରୁ ଝରିପଡ଼େ ''କଲ୍ୟାଣଦେଲି ତୋତେ ।'' ଏହା ପାଠ କରି ଅନୁସରଣ କଲେ, ଜୀବର ଉଦ୍ଧାର ଅବଶ୍ୟ ସମ୍ଭବ । ଭାଗବତ ବାଣୀ ସ୍ମରଣରେ :

''ଏ ଦେହ ଥିଲେ ସର୍ବପାଇ । ଜଳେ ଯେସନେ ଚନ୍ଦ୍ର ଛାଇ ॥''

## ''ଚରମରେ''..... ନୟନମଣି ମୋର !

ତୋ ପାଇଁ ସବୁବେଳେ ସେଇ ଗୋଟିଏ ଚିନ୍ତା, ଏ ଯୁଗସନ୍ଧିର ପ୍ରଳୟ କୋପରୁ ତୋତେ କିପରି ରକ୍ଷା କରିବି । ତୁ ଯିବା ଟିକେ ସ୍ଥିର ହୋଇ ମୋ କଥା ମନେ ପକାଇଲେ ମତେ ସହଜ ହୁଅନ୍ତା । ହେଲେ ତୁ ତ ଆଡ଼ଆଖିରେ ବି ମୋ ଆଡ଼େ ଚାହୁଁ ନାହୁଁ । ମୁଁ କ'ଣ କରିବି କହିଲୁ ? ଗତଥର ରୋଗର ବାହକ ତିନି ସଖାଙ୍କ ମଧ୍ୟରୁ ଜଣକ (ବାୟୁ) ବିଷୟରେ କିଛି କହିଥିଲି । ଏଥରକ ପିତ୍ତ ଓ କଫ ସଂପର୍କରେ କହୁଛି ଶୁଣ ।

**ପିତ୍ତ :** ଯେତେବେଳେ କ୍ଷୁଧା (ଭୋକ) ଲାଗୁଥାଏ, ସେତେବେଳେ ଖାଦ୍ୟ ଗ୍ରହଣ ନକଲେ ମଣିପୁର ଚକ୍ରରେ ପିତ୍ତ ପ୍ରକୁପିତ ହୋଇ ସମଗ୍ର ଶରୀରକୁ ପିତ୍ତମୟ କରିଦିଏ । ପିତ୍ତ ସହ ଶ୍ଳେଷ୍ମ ଓ ବାୟୁ ମିଶିଗଲେ ଜ୍ୱର ଉତ୍ପତ୍ତି ହୋଇ ମୃତ୍ୟୁ ମୁଖକୁ ଟାଣି ନିଏ । ତାଳ, ବେଲ, ଫଳ ଖାଇବା ପରେ ସଂଗେ ସଂଗେ ପାଣି ପିଇଲେ ତତ୍‌କ୍ଷଣାତ୍ ପିତ୍ତ ସୃଷ୍ଟି ହୋଇଯାଏ । ଶରତ କାଳରେ ଗରମ ପାଣି ଓ ଭାଦ୍ର ମାସରେ ତିକ୍ତ ଆହାର କଲେ ପିତ୍ତର କବଳରେ ପଡ଼ିବା ନିଶ୍ଚିତ ହୋଇଯାଏ । ଶର୍କରା, ଧନିଆ ଏକତ୍ର ଖାଇଲେ ଭୟଙ୍କର ପିତ୍ତ ସୃଷ୍ଟି ହୁଏ । ଖଟା ଦହି, ଘିଅ ସହ ଲେମ୍ବୁ, ଅତ୍ୟଧିକ ଆମିଷ, ମାତ୍ରାଧିକ ମିଷ୍ଟାନ୍ନ, ବାସି ଖାଦ୍ୟ, ତୈଳଯୁକ୍ତ ଖାଦ୍ୟ, ଅଧିକ ମସଲାଯୁକ୍ତ ଖାଦ୍ୟ, ବାସି ପଖାଳ, ରାତ୍ରିରେ ଦହି

ସେବନ ଇତ୍ୟାଦି ପିତ୍ତର ସୁବାହକ ହୋଇଥାଏ । ଅମାବାସ୍ୟା, କୃଷ୍ଣ ଚତୁର୍ଦ୍ଦଶୀ, ସଂକ୍ରାନ୍ତି, ମାସାନ୍ତ, ଅଷ୍ଟମୀ ଆଦି ତିଥିରେ ସ୍ତ୍ରୀ ସଂଗମ କଲେ ବାୟୁ ସହ ପିତ୍ତ ସୃଷ୍ଟି ଅକାଳ ବାର୍ଦ୍ଧକ୍ୟର ଶିକାର ହେବାକୁ ପଡ଼େ । ଶରତକାଳରେ ମଧ୍ୟାହ୍ନରେ ଅତ୍ୟଧିକ ସୂର୍ଯ୍ୟ ତାପ ଶରୀରକୁ ପ୍ରବେଶ କଲେ ତତ୍‌କ୍ଷଣାତ୍ ପିତ୍ତ ସୃଷ୍ଟି ହୋଇଯାଏ । ଶରୀରରେ ଅଧିକ ଦିନ ପର୍ଯ୍ୟନ୍ତ ବାୟୁ ପ୍ରକୋପ ଲାଗି ରହିଲେ ପିତ୍ତ ଆପେ ଆପେ ଉତ୍ପନ୍ନ ହୋଇଯାଏ । ଘୋଳ ଦହି ମଧ ପିତ୍ତ କାରକ । ଏହାକୁ କଦାପି ଖାଲି ପେଟରେ ଖାଇବା ଉଚିତ ନୁହେଁ । ଏଥରକ ଏହାର ନିରାକରଣର ଉପାୟ ମନେରଖ ।

ପିତ୍ତ ସୃଷ୍ଟି ପାଇଁ ଯେଉଁ କାରଣ ଗୁଡ଼ିକ ସଂପର୍କରେ ସୂଚନା ଦେଲି, ସେଗୁଡ଼ିକୁ ବର୍ଜନ କରିବୁ । ଘୋଳ ଦହି ବ୍ୟତୀତ ଅନ୍ୟାନ୍ୟ ଗବ୍ୟ (ଯଥା : ଗୋରସ, ଗୋମୟ, ଗୋମୂତ୍ର, ଘୃତ) ସେବନରେ ପିତ୍ତ ଉପଶମ ହୁଏ । ଚଣା ଖାଇଲେ ପିତ୍ତର ପ୍ରାଧାନ୍ୟ କମିଯାଏ । ପାଚିଲା ବେଲରେ ଗୋଲମରିଚ ମିଶ୍ରଣ ଦେଇ ଖାଇଲେ ପିତ୍ତ ପ୍ରଶମିତ ହୁଏ । ତାଳ ରସ, ଆଖୁ ରସ ମଧ ପିତ୍ତ ନାଶକ । ଅଦା, ଡିକପିଠା, ଚିନିସହ ମୁଗରସ, ହଳଦୀ ଅଭ୍ୟାସ କରି ଖାଇଲେ ପିତ୍ତର ପ୍ରାଦୁର୍ଭାବ କମିଯାଏ । ମୁଁ ତୋତେ ଦେଇଥିବା ଆସନ, ମୁଦ୍ରା ଓ ଧ୍ୟାନର ଅଭ୍ୟାସରେ ପିତ୍ତ ଆଦୌ ସୃଷ୍ଟି ହେବନାହିଁ ।

**କଫ :** ଶୋଷ ନ ଥିବା ସମୟରେ ପାଣି ପିଇଲେ, ଭୋଜନ କରିସାରିବା ପରେ ସ୍ନାନ କଲେ, ତିଳ ତେଲ ଶରୀରରେ ମାଖିଲେ, ନିଶାଦ୍ରବ୍ୟ ଯଥା ତମାଖୁ, ଅଫିମ, ସୁରା, ଗଞ୍ଜା, ଭାଙ୍ଗ, ବିଡ଼ି, ସିଗାରେଟ, ଜର୍ଦ୍ଦା ଇତ୍ୟାଦି ସେବନ କଲେ, ପାଚିଲା କଦଳୀ ସହ ଦହି ଭକ୍ଷଣ କଲେ, ପାଚିଲା କାକୁଡ଼ି ଖାଇଲେ, ବୃଷ୍ଟିଜଳ ପାନ କଲେ, ଜଳରେ ବସି ସ୍ନାନ କଲେ, ପଣା ଜଳ ସେବନ କରି ଓଦା ସ୍ଥାନରେ ଶୟନ କଲେ, ପଇଡ଼ର ଜଳ ଖାଲିପେଟରେ ପିଇଲେ, କଂସା ପାତ୍ରରେ ବାସି ଜଳପାନ କଲେ, ବର୍ଷାକାଳରେ ଖାତରେ ଜମିଥିବା ବର୍ଷାଜଳରେ ସ୍ନାନ କଲେ କଫ ନିଶ୍ଚିତ ଭାବରେ ସୃଷ୍ଟି ହୁଏ । ଦିବସରେ ନାରୀ ରମଣ କରି ବୀର୍ଯ୍ୟପାତ କରାଇଲେ, କ୍ଷୟଚନ୍ଦ୍ର, ଊଣାଚନ୍ଦ୍ର ସମୟରେ କାମପ୍ରବଣ ହେଲେ କଫବୃଦ୍ଧି ହୋଇ ଜରାଗ୍ରସ୍ତ ହେବାକୁ ହୁଏ । ଏଥରକ କଫର ନିରାକରଣ ଓ ପ୍ରତିଷେଧକ ସଂପର୍କରେ କହୁଛି ମନେ ରଖ୍ ।

କଫ ଉତ୍ପତ୍ତିର କାରଣଗୁଡ଼ିକ ପ୍ରତି ସତର୍କ ରହିବୁ । ଯଷ୍ଟିମଧୁ ଖାଇଲେ କଫ ଉପଶମ ହୋଇଥାଏ । ଉଷୁମ ତେଲ ମାଲିସ କଲେ କଫ କମିଥାଏ । ପ୍ରତିଦିନ ଭ୍ରମଣ ଅଭ୍ୟାସ ରଖିଲେ ପ୍ରଶମିତ ହୁଏ । ଭଲକରି ପାଚିଯାଇଥିବା ହରିଡ଼ା ସେବନ କଲେ ତତ୍‌କ୍ଷଣାତ୍ ଉପକାର ମିଳେ । କଞ୍ଚାକଦଳୀ କଫନାଶ କରେ । ହରିଡ଼ା, ବାହାଡ଼ା, ଅଁଳା ଚୂର୍ଣ୍ଣକୁ ଘିଅରେ ମିଶାଇ ଖାଇଲେ କଫ କ୍ଷୟ ହୁଏ । ପ୍ରତିଦିନ ଶୁଷ୍କ ଅଦା ଭକ୍ଷଣ କଲେ କଫ ସୃଷ୍ଟି ହୁଏ ନାହିଁ । ଗାଧୋଇବା ପୂର୍ବରୁ ଦୁଇପାଦ ତଳ, ମୁଣ୍ଡ, କାନମୂଳରେ ତେଲ ମାଲିସ କରି ଗାଧୋଇଲେ ଥଣ୍ଡା କଫ ଇତ୍ୟାଦିରୁ ରକ୍ଷା ମିଳେ । କ୍ଷୀରରେ ଚିନି ମ୍ରିୟମାଣ କରି ଢୁକ୍‌ଢୁକ୍ କରି ପିଇଲେ କଫ ହୁଏ ନାହିଁ । ବିନା ଚିନିରେ ପାଣି ପରି ଢକ ଢକ କରି ପିଇଲେ କଫ ଜାତ ହୋଇଯାଏ । ଏହା ବ୍ୟତୀତ ମୁଁ ତୋତେ ସ୍ପର୍ଶ କରି ଦେଇଥିବା ଅର୍ଘ୍ୟପଳ ଜଳକୁ ନିୟମିତ ଶ୍ରଦ୍ଧା ଓ ନିଷ୍ଠାର ସହ ପାନ କଲେ କଫ ଆଦୌ ସୃଷ୍ଟି ହେବ ନାହିଁ ।

ତେଣୁ ଧନ ମୋର ! ଏହି ଆଚରଣ ଗୁଡ଼ିକ କଡ଼ା କଡ଼ି ଭାବରେ ପାଳନ କରି ନୀରୋଗ ହୋଇଯାଆ । ଏଥରକ ଏତିକି କଲ୍ୟାଣ ଦେଇ ତୋରି ପଥ ଚାହିଁ ରହୁଛି-

**ତୋର ଚିର ମଙ୍ଗଳାକାଂକ୍ଷୀ**

**ପିତା**

❖❖❖

# କେଶବ କୈବଲ୍ୟ କଣିକା

ସାଧନା ପଥ ଅତି ଦୁର୍ଗମ । ଯୋଗ ପଥରେ ଯୋଗୀ ବହୁ ବନ୍ଧ ପ୍ରତିବନ୍ଧର ସମ୍ମୁଖୀନ ହୁଏ । ଗୃହୀ ଶିଷ୍ୟମାନେ ଗୃହସ୍ଥ ଧର୍ମରେ ରହି ଅଭ୍ୟାସ କର୍ମଯୋଗ ସାଧନ ମାର୍ଗରେ ବହୁ ବାଧାବିଘ୍ନର ସମ୍ମୁଖୀନ ହେଉଥିବା ଅବଶ୍ୟମ୍ଭାବୀ । ବହୁ ଶଙ୍କାର ମୋଚନ ନିମନ୍ତେ ବହୁ ଶିଷ୍ୟ ଭକ୍ତ ଅନୁଗତ ଶ୍ରୀଶ୍ରୀଶ୍ରୀଗୁରୁସ୍ୱାମୀଙ୍କ ସହିତ ଅଧିକାଂଶ ସମୟରେ ବାର୍ତ୍ତାଳାପ କରିଥାଆନ୍ତି ଓ ସେହି ପ୍ରସଙ୍ଗରେ ଠାକୁରଙ୍କର ଶ୍ରୀମୁଖରୁ ସ୍ୱତଃ ବହୁଉପାଦେୟ କୈବଲ୍ୟ କଣିକା ଝରିଯାଏ । ତାହା ସଂଗୃହିତ ହୋଇ ରହିଛି ଏବଂ ''ଚରମ''ରେ ନିୟମିତ ପ୍ରକାଶିତ ହୋଇଆସୁଛି । ଏହା ସମସ୍ତଙ୍କ ପାଇଁ ଉପାଦେୟ, ସ୍ପୃହଣୀୟ, ଆଚରଣୀୟ ଏବଂ ନିତ୍ୟପାଠ୍ୟ ॥

୧ । ଧର୍ମ କିଛି ସ୍ୱତନ୍ତ୍ର ଦ୍ରବ୍ୟ ନୁହେଁ । ନିଜର କର୍ମରେ ହିଁ ଧର୍ମ ଉଜ୍ଜ୍ୱଳ ହୁଏ । ପରହିଂସା, ପରଦ୍ରବ୍ୟହରଣ, ପରଦାରା ଅନୁରାଗ, ଈର୍ଷା, ପରଶ୍ରୀକାତରତା, ଇନ୍ଦ୍ରିୟଭୋଗବିଳାସ ଇତ୍ୟାଦିରୁ ନିବୃତ୍ତ ହୋଇ ଅପର ପ୍ରତି ଦୟା, କ୍ଷମା, ପ୍ରେମ,ପ୍ରୀତି, ସ୍ନେହ, ମମତା ପ୍ରଦର୍ଶନ, ଦରିଦ୍ରକୁ ଦାନ, ଧର୍ମାନୁଷ୍ଠାନ, ସତ୍‌ସଙ୍ଗ, ଆଶ୍ରମପାଇଁ ତ୍ୟାଗ ଏବଂସେବାରେ ପ୍ରବୃତ୍ତ ହେବାହିଁ ପରମ ଧର୍ମ ॥

୨ । ଯାହା ନିତ୍ୟ, ନିରତିଶୟ ଓ ଶାଶ୍ୱତ ଦିବ୍ୟାନୁଭବ ; ତାହାହିଁ ମୋକ୍ଷ ॥

୩ । ଜ୍ଞାନରୁ ଦିବ୍ୟଜ୍ଞାନ, ଦିବ୍ୟଜ୍ଞାନରୁ ତତ୍ତ୍ୱଜ୍ଞାନ ପ୍ରାପ୍ତ ହୋଇ ଭକ୍ତିରଅନନ୍ୟାନ୍ତରରେ ଉପନୀତ ହେଲେ, ମାନବ ମୋକ୍ଷ ବା ଚରମପ୍ରାପ୍ତ ହୁଏ ॥

୪ । ଧର୍ମ ଆଚରଣ କଲେ, ମୁକ୍ତି ମିଳେ ନାହିଁ । କାରଣ, ଧର୍ମର ଫଳଭୋଗ ପରେ ବ୍ୟକ୍ତିପୁଣି ପୂର୍ବଅବସ୍ଥାକୁ ଫେରିଆସେ ॥

୫ । ତତ୍ତ୍ୱଜ୍ଞାନ ସହିତ ଭକ୍ତିଭାବରେ ନିର୍ବନ୍ଧୀ ହେଲେ, ଜୀବ ସଂସାର ସମୁଦ୍ର ପାର ହୋଇଯାଏ । ବଣୁଆ ବାୟାହାତୀ ପରି ମନକୁ ଆୟତ୍ତ କରି ଇନ୍ଦ୍ରିୟମାନଙ୍କୁ ଜୟ କରିପାରେ । ସମସ୍ତବିଦ୍ୟାରେ ପାରଦର୍ଶିତା ଲାଭ କରି କର୍ମଜଂଜାଳର ବନ୍ଧନରୁ ମୁକୁଳି ମୋକ୍ଷ ପାଏ । ଚରମ ପ୍ରାପ୍ତି ଲାଭ କରେ ॥

୬ । କର୍ମଯୋଗ ଓ ଧର୍ମଧାରା ଅଭ୍ୟାସରେ ବ୍ରତୀ ହେଲେ, କ୍ରମେକ୍ରମେ ସାଧନା ବଳରେ ଇନ୍ଦ୍ରିୟ ଜୟକରି ଅନ୍ତରରେ ପରମଶାନ୍ତି ନିଶ୍ଚୟ ଅନୁଭବ କରିପାରିବ । କାହାରିକୁ ଶତ୍ରୁ ମନେ କରିବ ନାହିଁ ॥

୭ । ଯୁଗେଯୁଗେ ସତ୍ୟର ଜୟ ହୁଏ ; ଅସତ୍ୟ ଯେତେ ପ୍ରବଳ ପ୍ରଚଣ୍ଡ ହେଲେ ମଧ୍ୟ କଦାପି ଜୟଲାଭ କରିନାହିଁ, କରି ପାରେ ନାହିଁ ॥

୮ । 'ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି ' ନିମନ୍ତେ ସତ୍ୟନିତ୍ୟଧର୍ମ ପଥର ପଥିକ ହୋଇ ଧର୍ମଧାରା ଓ କର୍ମଯୋଗକୁ ପାଥେୟ କରି ଶରଣାଗତ ଦୀନାର୍ତ୍ତ ଭାବରେ ପ୍ରେମଭକ୍ତିର ସାଧନା କରିବା ଶ୍ରେୟସ୍କର ॥

୯ । ସ୍ଥୂଳ ଜଗତରେ ସ୍ଥୂଳ ଶରୀର ଲାଭ ନିମନ୍ତେ ଜନନୀ, ଜଠର, ଜରାୟୁ ହିଁ ଏକମାତ୍ର ମାଧ୍ୟମ । ଏହିସତ୍ୟ ଦେବତାମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ॥

୧୦ । ମୁକ୍ତିମୋକ୍ଷ ଲାଭ କରୁଥିବା ଜୀବମାନେ କୈବଲ୍ୟର କଷ୍ଟଭୋଗ ପରେ ପୁନର୍ବାର ଧରାଧାମରେ ପୁନର୍ଜନ୍ମ ଲାଭକରନ୍ତି । କର୍ମ କରନ୍ତି ଓ କର୍ମ ଫଳ ବନ୍ଧନରେ ପଡ଼ନ୍ତି ॥

୧୧ । ନିର୍ବାଣ ବା ଚରମ ଲାଭକଲେ, ପୁନର୍ଜନ୍ମ ଦୋଷରୁ ମୁକ୍ତିମିଳେ । କେବଳ ଚରମପୁରୁଷ, ନିର୍ଗୁଣବ୍ରହ୍ମ ବା ଅବ୍ୟକ୍ତ ବ୍ରହ୍ମପୁରୁଷ ହିଁ ଚରମପ୍ରାପ୍ତି କରାଇ ଥାଆନ୍ତି ॥

୧୨ । ଧର୍ମାତ୍ମାମାନେ ପରସ୍ପର ମଧ୍ୟରେ ବିଦ୍ୱେଷ ପୋଷଣ କରିବା ଏକାନ୍ତ ଅନୁଚିତ ॥

୧୩ । ଧର୍ମବିଦ୍ୱେଷ ପୋଷଣ କଲେ, ଆଧ୍ୟାତ୍ମିକ ଅଧଃପତନ ସହିତ ଅସଲଲକ୍ଷ୍ୟ ଭ୍ରଷ୍ଟ ହୁଏ । ଆତ୍ମୋନ୍ନୟନ ଆଦୌ ହୋଇପାରେନା । ଈଶ୍ୱରୋପଲବ୍ଧି ମଧ୍ୟ ସମ୍ଭବ ହୁଏ ନାହିଁ । ସର୍ବମତର ଭାବହିଁ ଏକ ଏବଂ ଅଭିନ୍ନ ଅଟେ ।

୧୪ । ମାନବିକତା ଓ ମାନବିକ ସମ୍ବେଦନଶୀଳତା ହିଁ ପ୍ରକୃତ ମାନବ ଧର୍ମ । ଧର୍ମ ଆଚରଣର ଅର୍ଥ ହିଁ ମଣିଷ ଭଳି ଆଚରଣ କରିବା ॥

୧୫ । ଧର୍ମ ପ୍ରତ୍ୟେକ ଜୀବର ଦୈନନ୍ଦିନ କର୍ମଧାରା ମଧ୍ୟରେ, ଆଚାର ଆଚରଣ ମଧ୍ୟରେ , ଜୀବନଧାରା ଓ ଜୀବନ ଚର୍ଯ୍ୟା ମଧ୍ୟରେ, ବ୍ୟବହାରିକ ଚରିତ୍ର ମଧ୍ୟରେ ଫୁଟି ପ୍ରକାଶ ପାଏ ॥

୧୬ । ମନୁଷ୍ୟତ୍ୱ ଅର୍ଜନ କରିବା ହିଁ ଧର୍ମ ଅର୍ଜନର ମୌଳିକ ଲକ୍ଷ୍ୟ ଓ ଅର୍ଥ । ମାନବତ୍ୱର ପୂର୍ଣ୍ଣ ବିକାଶ ସାଧନ ନହେଲେ, ଧର୍ମସାଧନ ହୋଇପାରେ ନାହିଁ ॥

୧୭ । ମାନବତ୍ୱର ପୂର୍ଣ୍ଣତା ସାଧନ ହିଁ ସକଳ ଧର୍ମର ମୂଳନୀତି । ପୃଥିବୀର ସମସ୍ତ ସମ୍ପ୍ରଦାୟ ମୌଳିକ ଭାବରେ ଏହି ଧର୍ମନୀତି ଉପରେ ଅଧିଷ୍ଠିତ ଓ ପ୍ରତିଷ୍ଠିତ ॥

୧୮ । ଅସଲ ଧର୍ମ ସାଧନ ଏତେ ସହଜନୁହେଁ । ଧର୍ମନିଷ୍ଠା ବ୍ୟତୀତ ଧର୍ମ ସାଧନ ସମ୍ଭବ ନୁହେଁ । ଧର୍ମନିଷ୍ଠାହିଁ ତୁମର ପ୍ରାଣକୁ ଉଦାର ଓ ଉନ୍ନତ କରେ । ଥରେ ଏହି ନିଷ୍ଠା ଆସିଗଲେ, ଆଦୌ ସଂକୀର୍ଣ୍ଣତା ରହେ ନାହିଁ ॥

୧୯ । ଯେଉଁ ଧର୍ମଧାରାରେ ତୁମେ ଅଭିଷିକ୍ତ ହୋଇଛ, ତହିଁରେ ତୁମର ବିଶ୍ୱାସ ଘନୀଭୂତ ନହେଲେ; ନିଷ୍ଠା ଆସିବ ନାହିଁ ॥

୨୦ । କୌଣସି ଭାବଧାରା, ଆଦର୍ଶ ଇତ୍ୟାଦିରେ ଦୃଢ଼ ଅନୁରାଗ, ଗଭୀରଶ୍ରଦ୍ଧା, ଏକାଗ୍ରତା ଏବଂ ଏକାନ୍ତ ଅନୁରକ୍ତିକୁ ହିଁ ନିଷ୍ଠା କୁହାଯାଏ ॥

୨୧ । ପ୍ରେମଭକ୍ତି ଗଜୁରିଲେ, ପ୍ରିୟପୁରୁଷଙ୍କର ବିଚ୍ଛେଦ ସହି ପାରିବ ନାହିଁ । ଯେତେବେଳେ ଏହି ବିଚ୍ଛେଦ ଅସହ୍ୟ ଯନ୍ତ୍ରଣାଦାୟକ ବୋଧ ହେବ, ତୁମେ ନିଜେହିଁ ବୁଝିପାରିବ ଯେ, ତୁମର ନିଷ୍ଠା ଆସି ଯାଇଛି ॥

୨୨ । ପ୍ରତ୍ୟେକ ଆଶ୍ରିତ ଅନୁଗତମାନେ ଦୈନିକ ବାରଥର ସାଷ୍ଟାଙ୍ଗ ପ୍ରଣାମ କଲେ ଶରୀରରେ ରୋଗର ପ୍ରାଦୁର୍ଭାବ କମି କମି ଯାଏ ।

❖ ❖ ❖

## ''ଶିବକଳ୍ପ'' ତ୍ରୟୋଦଶ ନିର୍ଘଣ୍ଟରୁ ଉଦ୍ଧୃତାଂଶର ସରଳ ସହଜ ସଂକ୍ଷିପ୍ତ ବ୍ୟାଖ୍ୟା :

ମହାପୁରୁଷ ଅଚ୍ୟୁତାନନ୍ଦ ନିର୍ବିକଳ୍ପ ସମାଧିରେ ଯୋଗାରୂଢ଼ ଅବସ୍ଥାରେ ଯାହାସବୁ ଅନୁଭବ କରିଥିଲେ, ସେହି ଅନୁଭୂତି ସକଳକୁ ''ଶିବକଳ୍ପ''ରେ ଶ୍ରୀ ରାମଦାସଙ୍କ ଅବଗତି ନିମନ୍ତେ ଶୁଣାଇ ଅଛନ୍ତି । ତନ୍ମଧ୍ୟରୁ ''ଶିବକଳ୍ପ''ର ତ୍ରୟୋଦଶ ନିର୍ଘଣ୍ଟ ମହାପୁରୁଷଙ୍କର ନିର୍ବିକଳ୍ପ ସମାଧିର ଏକୋଇଶ ପାବଚ୍ଛରେ ଅନୁଭୂତିର ବର୍ଣ୍ଣନାରେ ସଂପୂର୍ଣ୍ଣ ହୋଇଅଛି । ଏଠାରେ ମହାପୁରୁଷ ରାମଚନ୍ଦ୍ରଙ୍କୁ ଶୁଣାଇ କହୁଛନ୍ତି ଯେ, ମତି ନୈଧିକ ପଥ ସତର ଅଟେ । ଏହିଯୋଗାଙ୍ଗର ସତର ପ୍ରକାର ଇର୍ଷାଭାବକୁ ଯୋଗୀ ସଂଯମ କରିଥାଏ । ତେର ବୈଖାରୀ କ୍ରିୟାରେ ପହଞ୍ଚି ତନ୍ତ୍ର ଯନ୍ତ୍ର ମନ୍ତ୍ରମାନ ଅନୁଭବ କରି ସିଦ୍ଧଯୋଗୀ ଅଚ୍ୟୁତାନନ୍ଦ ତାହାକୁ ତାଳପତ୍ର ପୋଥିରେ ଥୋଇଲେ । ପୁଣି ତେର ଲୟାଙ୍ଗ ସୂତ୍ରରେ ଅବାଢ଼ ତେର ପଥ ଅଛି । ଚାରି- ଚାରିବେଦ- ଶ୍ରୁତିକୁଣ୍ଡଳି ଚାରିପ୍ରକାରର । ଏହାଯୋଗୀକୁ ପିଣ୍ଡତତ୍ତ୍ୱଜ୍ଞାନ ଆହରଣରେ ସାହାଯ୍ୟକରେ ।''ସତର , ତେର, ତେର, ଚାରି ଲେଖ ''( ୧୭+ ୧୩+ ୧୩+୪ )ର ଅର୍ଥ ଏହା ପ୍ରକାଶ କରୁଅଛି । ଏଠାରେ ପହଞ୍ଚି ମହାପୁରୁଷ ପୁଣି ସୂକ୍ଷ୍ମ ଦର୍ଶନ ଚକ୍ଷୁରେ ଦେଖିବାକୁ ପାଇଲେ ଯେ, 'ଅ' କାରାଦି ପଞ୍ଚମାତ୍ରା ବସାଣରେ 'ଅ'କାର , 'ଏ'କାର, 'ଇ' କାର, 'ଉ'କାର, 'ଓ' ଆ'କାର । ତହିଁପରେ ବିନ୍ଦୁ ବୋଇଲେ ଚନ୍ଦ୍ରବିନ୍ଦୁ । ଏହିଠାରେ ହିଁ ପଞ୍ଚମାତ୍ରା ଦର୍ଶନ ହୁଏ । ଏହି ଦର୍ଶନ 'କାରଣ ଜଗତ'ର ଦର୍ଶନ । ଏହା ନିର୍ବିକଳ୍ପ ସମାଧି ଅବସ୍ଥାର ଏକୋଇଶ ପାବଚ୍ଛରେ ହିଁ ଯୋଗୀ ପକ୍ଷରେ ସମ୍ଭବ ହୋଇଥାଏ ।

ଏଠାରେ ସିଦ୍ଧଯୋଗୀ ପୁରୁଷଙ୍କୁ ସୌର ମଣ୍ଡଳୀୟ ସୂକ୍ଷ୍ମଭକ୍ତମାନେ ଦେଖାଯାଆନ୍ତି । ସେହି ଭକ୍ତମାନଙ୍କର ସତ୍ତ୍ୱଭାବ ସହିତ ସଚରାଚର ସ୍ଥୂଳ ଜଗତର ରଜ ଓ ତମ ପ୍ରଧାନ ଭାବାପନ୍ନ ଲୋକମାନଙ୍କର ଅପ୍ରୀତି ଯୋଗାରୂଢ଼ ଅବସ୍ଥାରେ ହୋଇଥାଏ । ଫଳରେ ଯୋଗୀର ସତ୍ୟେନ୍ଦ୍ରିୟ ବୃତ୍ତି, ବିଜେନ୍ଦ୍ରିୟ ବୃତ୍ତିର କର୍କଶ କଠୋର ଭାବପ୍ରତି ଭୟ ରହେ । ଏହି ଅବସ୍ଥା ଉପନୀତ ହେଲେ, ଯୋଗୀ ସଂପୂର୍ଣ୍ଣ ସାତ୍ତ୍ୱିକ ଆହାର (ଶାକ, କନ୍ଦମୂଳ ଆଦି)ଗ୍ରହଣ କରେ ଓ ତହିଁ ଉଭାରୁ ଯୋଗୀର ଅନ୍ତଃକରଣରେ ସୂକ୍ଷ୍ମତଃ ଜ୍ଞାନେନ୍ଦ୍ରିୟ ରସ ନିର୍ଗତ ହୁଏ । ଏହା ଯୋଗାରୂଢ଼ ଅବସ୍ଥାରେ ଯଥା କାଳରେ ସ୍ୱତଃ ନିର୍ଗତ ହୋଇଥାଏ ଏବଂ ଯୋଗୀ ଜ୍ଞାନମୟ କୋଷରୁ ଏହି ଜ୍ଞାନେନ୍ଦ୍ରିୟ ରସ ପାନ କରି ପରିତୃପ୍ତି ଲାଭ କରନ୍ତି ।

ମହାପୁରୁଷ ଅଚ୍ୟୁତାନନ୍ଦ ତୈନ୍ତ୍ରିକ ମନ୍ତ୍ରରେ ଅନୁଭବ କଲେ,କୁଣ୍ଡଳିନୀ ଦ୍ୱାରରେଏକ ନୀଳ ବିନ୍ଦୁ ଅଛି । ଏହାର ଊର୍ଦ୍ଧ୍ୱରେ ଏକ ଧବଳ ବିନ୍ଦୁ । ତାହାରି ପାର୍ଶ୍ୱରେ ବିସର୍ଗର ଉପରିଭାଗ ଲାଲ ବର୍ଣ୍ଣ ଓ ତଳଭାଗ ନୀଳବର୍ଣ୍ଣ ଦେଖାଯାଉଛି । ଯୋଗୀ ଚବିଶଘଣ୍ଟା ସମାଧିରେ ରତ ରହିଲେ,ଉପରିଭାଗ ଲାଲ୍ ବର୍ଣ୍ଣ ଲିଭିଯାଇ ଅଦୃଶ୍ୟ ହୋଇଯାଏ ଓ କେବଳ ନୀଳବର୍ଣ୍ଣର ଜ୍ୟୋତିଃ ତଳଭାଗରେ ଦୃଶ୍ୟମାନ ହୁଏ । ଏହାର ବାମଭାଗରେ ଇକ୍ଷୁର୍ଣ୍ଣି ମାତ୍ରାମନ୍ତ୍ର ଏବଂ ଡାହାଣ ଭାଗରେ ବୈସୂର୍ଣ୍ଣି 'ଉ'କାର ମନ୍ତ୍ର ବିଦ୍ୟମାନ ଥାଏ । ଉଦରଭାଗକିଙ୍କିଣୀ ଅଦୃଶ୍ୟ ରହିଲେ, ତ୍ରିଶୂଳ ଚିହ୍ନ ଦେଖାଯାଏ । (ଯନ୍ତ୍ରରେ ତ୍ରିଶୂଳ ବୋଇଲେ : ଭେଦଶୂଳ, ବର୍ଣ୍ଣଧଳା; ଅର୍ଦ୍ଧକ ଶୂଳ, ବର୍ଣ୍ଣ ଧୂସର; ଏବଂ ନାଦର୍ଯ୍ୟଶୂଳ, ବର୍ଣ୍ଣ ହଳଦିଆ ।)

ଏହି ଅନୁଭବ ଅବସ୍ଥାରେ ମୋଗଲ ପଠାଣ ବୋଇଲେ ଯୋଗୀର ତମ ଓ ରଜଭାବକୁ ବୁଝାଏ । ସତ୍‌ଭାବ ପୂର୍ଣ୍ଣଜାଗ୍ରତ ହେଲେ ଜିତେନ୍ଦ୍ରିୟ ବୃତ୍ତି ନିଷ୍କ୍ରିୟ ହୋଇଯାଆନ୍ତି । ଜୀବବ୍ରହ୍ମ ଓ ପରମବ୍ରହ୍ମର ସଂଯୋଗ ଘଟି ଯୋଗାରୂଢ଼ ଅବସ୍ଥାରେ ଏକ ବିନ୍ଦୁରେ ମିଳିତ ହୋଇ ଯାଆନ୍ତି । ହୃଦଚକ୍ରରେ ବିଷ୍ଣୁଭାବ ଉଜ୍ଜ୍ୱଳ ହୋଇ ଦୃଶ୍ୟମାନ ହୁଅନ୍ତି । ଅଷ୍ଟାଦଶ ପୁରାଣର ମୂଳପିଣ୍ଡରେ ବିଷ୍ଣୁ ଶୁକ୍ଳ ବର୍ଣ୍ଣ ଧାରଣ କରିଥାଆନ୍ତି । ଯେଉଁ ପୁରୁଷ ସାତ୍ତ୍ୱିକ କ୍ରିୟାରେ ଧର୍ମପଥରେ ଥାଆନ୍ତି, ସେ ଲଗାମ ଧରି ଥାଆନ୍ତି । ବିବେକକୁ ଜଗି ଟିକସ୍ ଆଦାୟ କରିବା ଅର୍ଥାତ୍ ସାବଧାନ କରିବାଅର୍ଥ ପ୍ରକାଶ ପାଉଛି ।

ଶ୍ରୀକ୍ଷେତ୍ର ବୋଇଲେ ତ୍ରିକୂଟ । ହାଣ୍ଡି ବୋଇଲେ ଜ୍ଞାନ ରୂପକ ମହାପ୍ରସାଦ । ଏହାହିଁ ପୂର୍ବ କଥିତ ଜ୍ଞାନରସ । ଯୋଗୀର

ଜ୍ଞାନେନ୍ଦ୍ରିୟ କୋଷରୁ ଜ୍ଞାନରସ କ୍ଷରିବା କଥା ପୂର୍ବରୁ ବର୍ଣ୍ଣିତ ହୋଇଅଛି । ଅତିଥିମାନେ ହେଲେ ଦ୍ୱାଦଶ ଗୋପାଳ, ଅଷ୍ଟପାଟବଂଶୀ, 'ବୁଝଟ' ଜ୍ଞାନ ଶବ୍ଦରେ ବୁଡ଼ି ରହନ୍ତି । ଏହା ଯୋଗୀ ଜ୍ଞାନମୟ କୋଷରୁ କ୍ଷରିତ ଜ୍ଞାନେନ୍ଦ୍ରିୟ ରସପାନ କାଳରେ ଅନୁଭବ କରିପାରେ ।

ମର୍ହଟ୍ଟା ରାଉତି ବୋଇଲେ ବିଜେନ୍ଦ୍ରିୟ ଗୃହର ତମ ଓ ରଜ ଭାବ କ୍ଷଣକ୍ଷଣକେ ଉଙ୍କିମାରୁଥିବା ଅର୍ଥ ପ୍ରକାଶ କରୁଅଛି । ଯୋଗୀ ଯେତେବେଳେ ନିର୍ବିକଳ୍ପ ସମାଧି ଅବସ୍ଥାରେ ପହଞ୍ଚେ, ସେତେବେଳେ ଜୟଚନ୍ଦ୍ର ବୋଇଲେ ଇନ୍ଦ୍ରିୟପରବଶ ଭାବ ଅର୍ଥାତ୍ ବିଜେନ୍ଦ୍ରିୟ ବୃତ୍ତି ସକଳ ସତ୍ୟେନ୍ଦ୍ରିୟ କ୍ରିୟାରେ ମିଶିଯାଇ ଶରଣାପନ୍ନ ହୋଇ ଯାଆନ୍ତି । ଫଳତଃ ସମସ୍ତ ବିଜେନ୍ଦ୍ରିୟବୃତ୍ତି ଓ ଇନ୍ଦ୍ରିଭାବ ଏବଂ ରଜ ତମ ଗୁଣ ପ୍ରଧାନ ବୃତ୍ତି ଗୋପନରେ ବିଜେନ୍ଦ୍ରିୟ ଗୃହ (ଗୁହା)ରେ ଲୁଚି ଛପି ରହନ୍ତି । ବିଜେନ୍ଦ୍ରିୟ ବୃତ୍ତି ସକଳ ନିଷ୍କ୍ରିୟ ହୋଇ ଯାଆନ୍ତି । ଫଳତଃ ସତ୍ୟେନ୍ଦ୍ରିୟ ବୃତ୍ତି ପ୍ରାଧାନ୍ୟ ଲାଭ କରେ ଓ ଶୁଦ୍ଧ ବିବେକ ଓ ପ୍ରେମଭକ୍ତିର ଉନ୍ମେଷ ଘଟେ । ଯୋଗୀ ସତ୍‌ରେ ନ୍ୟସ୍ତ ରହି ସନ୍ନ୍ୟାସୀ ପଦବାଚ୍ୟ ହୁଅନ୍ତି ।

ଯୋଗୀ ବୃତ୍ତିଛଡ଼ା ଅବସ୍ଥାରେ ଏକ ଭାବରେ ସ୍ଥିର ଥିଲେ, ମନ ଚୈତନ୍ୟର କଥୋପକଥନରେ ମନ ରୂପକ ଶିଷ୍ୟ ଚୈତନ୍ୟ.ରୂପକ ଗୁରୁଙ୍କଠାରୁ ଶାସ୍ତ୍ରପୁରାଣର ତାତ୍ତ୍ୱିକ ଜ୍ଞାନଲାଭ କରେ । ଏହା ଉତ୍ତାରୁ ଯୋଗୀ ଲଲାଟଚକ୍ରରେ 'ଦେଉଳ ସ୍ଥାପିବା ଓ ଧର୍ମ ଦେବତା ସ୍ଥାପନ କରିବା' ଅର୍ଥାତ୍ ଶ୍ରୀମନ୍ନାରାୟଣଙ୍କୁ ଦର୍ଶନ କରି ଧର୍ମ ଓ ଜ୍ଞାନର ଧ୍ୱଜା ଉଡ଼ାଇ ଥାଆନ୍ତି ।

ଫିରିଙ୍ଗି ରାଉତି ହୋଇବା ବେଳେ ଅର୍ଥାତ୍ ଜ୍ଞାନ ବିଜ୍ଞାନ କ୍ଷରିବା ସମୟରେ ଅର୍ଥାତ୍ ନିଶାର୍ଦ୍ଧକ କାଳରେ ବା ରାତ୍ର ଘ ୩ । ୪୫ ମି: ରୁ ଘ ୫ । ୨୫ ମି ମଧ୍ୟରେ ଫିରିଙ୍ଗ ନାମକ କାଳବେଳାରେ ହିଁ ଜ୍ଞାନଧର୍ମର ରାଜତ୍ୱକାଳ । ବୃହସ୍ପତି (ଦେବଗୁରୁ)ଙ୍କ ଶକ୍ତିର ପ୍ରଭାବହେତୁ ଏହି ସମୟମଧ୍ୟରେ ଦେବଧର୍ମ ଅର୍ଥାତ୍ ଜ୍ଞାନତତ୍ତ୍ୱ ଧର୍ମ କୁଣ୍ଡଳିନୀର ସୌତିକ୍ଷ୍ମୀ ରେଖାକୁ ଅତିକ୍ରମ କରିବା କଥାକୁ କୁହାଯାଇଅଛି । ସମଗ୍ର ସୃଷ୍ଟି ଯେତେବେଳେ ଗାଢ଼ ନିଦ୍ରାରେ ଅଭିଭୂତ, ସେହି ସନ୍ଧିକ୍ଷଣରେ ବା ନିଶାର୍ଦ୍ଧକ କାଳରେଏହିଯୌଗିକ ମାର୍ଗର ଗୋପନୀୟ ଲୀଳା ଚାଲେ । ଗାଢ଼ ନିଦ୍ରାଭିଭୂତ ଜୀବଗଣ ଏହା ଜାଣିପାରନ୍ତିନାହିଁ; ମାତ୍ର ଜାଗ୍ରତ ଯୋଗୀ ଏହା ଅନୁଭବ କରିପାରେ । ଏହି ଅବସ୍ଥାରେ ଗୁରୁଶିଷ୍ୟଙ୍କର ଗୋପନ ଖେଳ ହୁଏ ଏବଂ ଜୀବପରମର ସଂଯୋଗ ଘଟେ; ଭକ୍ତ ଭଗବାନଙ୍କର ଲୀଳା ଦର୍ଶନ କରେ । ପରସ୍ପର ପରସ୍ପରକୁ ଚିହ୍ନାଚିହ୍ନି ହୁଅନ୍ତି । ରାଜ୍ୟେ ରାଜ୍ୟେ ବୋଇଲେ ସମସ୍ତ ପିଣ୍ଡ ବ୍ରହ୍ମାଣ୍ଡରେ ଅର୍ଥାତ୍ ପ୍ରତ୍ୟେକ ଜୀବ ଶରୀରରେ ସେତେବେଳେ ପରଂବ୍ରହ୍ମ ଉଦୟ ହୋଇ ଥାଆନ୍ତି । ଚେତନଶୀଳ ଜୀବ ନିଦ୍ରାତେଜି ଧ୍ୟାନସ୍ଥ ଅବସ୍ଥାରେ ଜାଗ୍ରତ ରହିଲେ , ଏହା ଅନୁଭବରେ ଆଣିପରେ । ଗାଢ଼ ନିଦ୍ରାଭିଭୂତ ଥିଲେ ଏହି ପ୍ରକ୍ରିୟା ଅନୁଭୂତିସିଦ୍ଧ ହୁଏ ନାହିଁ , ହୋଇପାରେ ନାହିଁ । ଦୀର୍ଘଦିନ ଧରି ଏହିପରି ଜାଗ୍ରତ, ଚେତନଶୀଳ ରହିଲେ, ଧ୍ୟାନ ପରିପକ୍ୱ ଅବସ୍ଥାରେ ପହଞ୍ଚି ଭକ୍ତର ଅନ୍ତଃକରଣର ପବିତ୍ର ଭାବ ପୁଣ୍ୟକାଳରେ କୁଣ୍ଡଳିନୀରସୌତିକ୍ଷ୍ମୀରେଖା ସ୍ପର୍ଶ କରିବା ମୁହୂର୍ତ୍ତ ଉପନୀତ ହୁଏ । ଏହି ମୁହୂର୍ତ୍ତରେ ଜୀବପରମର ଖେଳକୁ ଚେତନା ଭକ୍ତ ଧ୍ୟାନସ୍ଥ ଅବସ୍ଥାରେ ସୂକ୍ଷ୍ମ ଚକ୍ଷୁରେ ଦର୍ଶନ କରି ଅନୁଭବରେ ଆଣି ପାରନ୍ତି ।

ଏଠାରେ ସ୍ମରଣ କରାଯାଇପାରେ ଯେ, ଆମ୍ଭମାନଙ୍କୁ ବୀଜମନ୍ତ୍ରରେ ଅଭିମନ୍ତ୍ରିତ କରି ଦୀକ୍ଷା ଓ ଧାରା ଦେବା ସମୟରେ ପ୍ରତିଦିନ ବ୍ରାହ୍ମମୁହୂର୍ତ୍ତ ଅର୍ଥାତ୍ ରାତ୍ର ଘ ୩ ଟାରୁ ଘ ୬ଟା ମଧ୍ୟରେ ଶୌଚସ୍ନାନାଦି ସମସ୍ତ ନିତ୍ୟକର୍ମ ସମାପନାନ୍ତେ ପ୍ରାର୍ଥନା ଓ ଧ୍ୟାନାଦି ନିତ୍ୟ ଅଭ୍ୟାସ ଯୋଗ କର୍ମ କରିବା ନିମନ୍ତେ ଉପଦେଶ ଦିଆଯାଇଛି । ଶ୍ରୀ ଗୁରୁସ୍ୱାମୀଙ୍କର ଉପଦେଶ ଅନୁସାରେ ଧାରାଧରି ଏହି ଅଭ୍ୟାସ ଯୋଗକର୍ମାଦିପ୍ରତିଦିନ ସାଧନ କରୁଥିଲେ, ଧ୍ୟାନ ପରିପକ୍ୱ ଅବସ୍ଥା ଲଭିବା ମାତ୍ରେ ଉପରୋକ୍ତ ଯୌଗିକ କ୍ରିୟାର ସକଳ ଅନୁଭୂତି ପ୍ରତ୍ୟେକ ଲାଭ କରି ପାରିବେ, ଏଥିରେ ତିଳେମାତ୍ର ସନ୍ଦେହ ବା ସଂଶୟର ଅବକାଶ ନାହିଁ ।

**ଓଁ ପରମବ୍ରହ୍ମଣେ ନମଃ !!**

# ପୁରାଣ ପୃଷ୍ଠାରୁ : ଗଣ୍ଡାଂଶର ମୀମାଂସା ଖଣ୍ଡ :

ପିଣ୍ଡ ତତ୍ତ୍ୱରେ ଗିରିଜା ବୋଇଲେ ପରିପକ୍ୱ ଜ୍ଞାନ ।ଜ୍ଞାନ ବିସ୍ତାର ଲାଭକରେ ବିଦ୍ୟା ଦ୍ୱାରା । ବିଦ୍ୟା ତାହାହିଁ ଯାହା ଭବବନ୍ଧନରୁ ମୁକ୍ତିପ୍ରଦାନ କରେ । 'ସା ବିଦ୍ୟା ଯା ବିମୁକ୍ତୟେ' । ଗିରିଜା ତନୟ ବୋଇଲେ ବିଦ୍ୟାଦାତା । ଜୀବ ଯୋଗମାର୍ଗରେ ଚଳିବା ଦ୍ୱାରା ସାତ୍ତ୍ୱିକ ବୃତ୍ତିର କ୍ରିୟାକଳାପ ଯଥାକାଳରେ ଆରମ୍ଭ ହୁଏ । ଏହି ସାତ୍ତ୍ୱିକ ବୃତ୍ତିର କ୍ରିୟା ଯୋଗୁଁ ବିଦ୍ୟାଦାତା ଗଣପତି ଯୋଗୀକୁ ଭବବନ୍ଧନରୁ ମୁକ୍ତିଲାଭ ନିମନ୍ତେ ବିଦ୍ୟା ଦାନ କରନ୍ତି । ମୂଢ଼ାସୁର ବୋଇଲେ ତମଭାବାପନ୍ନ ଭକ୍ତ । ଯୋଗୀ ଯୋଗମାର୍ଗରେ ପ୍ରଥମାବସ୍ଥାରେ ପାଦଚାଳିବା ସମୟରେ ତମଗୁଣ ପ୍ରଧାନ ହୋଇଥାଏ । ତାହାକୁ ସେତେବେଳେ ତମଭାବାପନ୍ନ ଭକ୍ତ ବୋଲି କୁହାଯାଇଥାଏ । କ୍ରମଶଃ ଯୋଗ ପ୍ରକ୍ରିୟା ଘନୀଭୂତ ହେଲେ ଯଥାପର୍ଯ୍ୟାୟରେ ଯୋଗୀର ବିବେକ ଉଦୟ ହୁଏ । ସେହି ଅବସ୍ଥାରେ ସିଦ୍ଧିଦାତା ଗଣେଶ ଯୋଗୀର ଯୋଗସମାଧିରେ ସନ୍ତୁଷ୍ଟ ହୋଇ ବରଦାନ କରନ୍ତି । ଶ୍ରୀଗଣେଶଙ୍କର ବରଲାଭରୁ ଯୋଗୀ ଆତ୍ମଜ୍ଞାନ ଲାଭ କରି ଅଜରଅମର ହୁଏ । ତଥାପି ଶରୀରର ପତନ ଅବଶ୍ୟମ୍ଭାବୀ । ଏହି ଶରୀର କ୍ଷୟଶୀଳ ହୋଇଥିବାରୁ ଏହାକୁ କ୍ଷିତି କୁହାଯାଏ । 'କ୍ଷୟତି ଜାତି ଇତି କ୍ଷିତିଃ' । ତେଣୁ ମୂଢ଼ାସୁରର ଶରୀର କ୍ଷୟର କାରଣ ନିର୍ଦ୍ଦେଶ କଲେ ଗଣଦେବତା ଗଣପତି ଗଣେଶ ମହାପ୍ରଭୁ । ସୁରବୈଦ୍ୟ ବୋଇଲେ ତ୍ରିକୂଟାରୀ । ଏହି ଅବସ୍ଥାରେ ଯୋଗୀ ତ୍ରିକୂଟରେ ଲୟ ରଖି ନୀରୋଗ ରହେ । ଅଶ୍ୱିନୀକୁମାରଙ୍କ ପୁତ୍ର ବୋଇଲେ ବାତ, ପିତ, କଫର ସୃଷ୍ଟିକାରୀ ଦୈବିଦ୍ୟ କୋଷ । ଅଧିଦୈବ ପୁରୁଷ ଶ୍ରୀରାମ , ଦକ୍ଷିଣାଗ୍ନି, କଫ । ଅଧିଭୌତିକ ପୁରୁଷ ପର୍ଶୁରାମ, ଗାର୍ହ୍ୟପତାଗ୍ନି, ପିତ । ଅଧିଯଜ୍ଞ ପୁରୁଷ ହଳଧର ବଳରାମ , ଆହବନୀୟଅଗ୍ନି, ବାତ । ରାମ ଶବ୍ଦ 'ରଂ' ବୀଜରୁ ଉତ୍ପନ୍ନ । 'ରଂ' ବୀଜ ହିଁ ଅଗ୍ନିବୀଜ । ତେଣୁ 'ର' କୁ ଅଗ୍ନିବୀଜାକ୍ଷର ବୋଲାଯାଏ । ତ୍ରିରାମ- ଶ୍ରୀରାମ, ପର୍ଶୁରାମ, ବଳରାମ : ଶରୀରରେ ବାତ, ପିତ, କଫର ନିୟନ୍ତ୍ରଣ କର୍ତ୍ତା । ତେଣୁ ଅଗ୍ନିଶର ବୋଇଲେ ବାତ, ପିତ, କଫରେ ମୂଢ଼ାସୁରର ଶରୀର ଦହନ ହୋଇଯିବ ବୋଲି ମୃତ୍ୟୁଭେଦ କଥିତ ହୋଇଛି । ଯୋଗୀର ଶରୀର ମଧ୍ୟ ଯଥାକାଳରେ ଏହିପରି ଭାବରେ କ୍ଷୟ ହୋଇଥାଏ ॥

ଯୋଗୀର ଅନ୍ତଃକରଣରେ ସୂକ୍ଷ୍ମବୀଜ ସ୍ୱରୂପ ବିଦ୍ୟମାନ ତମଗୁଣର ଭାବସମୂହର ଉଦ୍ଦେଳନ ଘଟିଲେ, ବିଦ୍ୟା ଜ୍ଞାନର ବଳରେ ସେ ଗୁରୁ ବୋଇଲେ ନିର୍ବେଦତତ୍ତ୍ୱକାରୀ ଅବସ୍ଥାରେ ଉପନୀତ ଆତ୍ମଦର୍ଶୀ ଶ୍ରେଣୀ ଉପରେ , ବ୍ରାହ୍ମଣ ବୋଇଲେ ବ୍ରହ୍ମ ଆଚରଣ କାରୀ କୋଷ ସମୂହ (ବ୍ରହ୍ମରେ ଚରେ ଯେ ଏବଂ ବ୍ରହ୍ମ ଜାନାତି ଇତି ବ୍ରାହ୍ମଣଃ) ଉପରେ, ଋଷି ବୋଇଲେ ରୌଦ୍ରଦ ତତ୍ତ୍ୱର ମାଳିକ ଉପରେ, ଦେବକୁଳ ବୋଇଲେ ସତ୍ତ୍ୱ,ରଜ,ତମର ବଂଶବିସ୍ତାରକାରୀ ଭାବ ଉପରେ ଅତ୍ୟାଚାର ଆରମ୍ଭ କରିଦିଏ । ଧରିତ୍ରୀ ବୋଇଲେ ଜାନୁମାୟା । ସେ ବିଦ୍ୟାକୁ ମାୟା ବଳରେ ଢାଙ୍କି ବା ଘୋଡ଼ାଇ ରଖିଥାନ୍ତି । ତମଗୁଣଭାବାପନ୍ନ ଯୋଗୀର ଅତ୍ୟାଚାରରେ ଅସହ୍ୟ ଅବସ୍ଥାରୁ ମାୟାର ପ୍ରକୋପ ଅବସ୍ଥା ସୃଷ୍ଟି ହୁଏ । ତମ ଓ ରଜ ଗୁଣରୁ ଅଣୁକୋଷ ଯୋଗୀର ଶରୀରରେ ସୃଷ୍ଟି ହୋଇ ଯୋଗୀ ମଧ୍ୟରେ ଏହି ଅବସ୍ଥା ଶିହରଣ ସୃଷ୍ଟି କରେ । ଶରୀରର ଦୈବୀକୋଷଗଣ ଅଧିର ହୋଇ ବିକଳ ହୁଅନ୍ତି ।

ଇନ୍ଦ୍ର ବୋଇଲେ ଐନ୍ଦ୍ରିଜାଲିକ କୋଷପିଣ୍ଡ । ଏହା ଦମନଭାବ ଅବସ୍ଥାରେ ଆଚ୍ଛାଦିତ ଥାଆନ୍ତି । ଯୋଗୀର ଅତ୍ୟାଚାର ଫଳରେ ଏମାନେ ପ୍ରତିଶୋଧ ପରାୟଣ ଅବସ୍ଥା ପ୍ରାପ୍ତ ହୁଅନ୍ତି । ଏ ସମସ୍ତ ଶରୀରର ଅଭ୍ୟନ୍ତରରେ ସୂକ୍ଷ୍ମକ୍ରିୟାଦ୍ୱାରା ସଂପାଦିତ ହୋଇଥାଏ ଓ ଯୋଗୀ ବାହ୍ୟତଃ ଏହା ଜାଣି ନ ପାରିଲେ ମଧ୍ୟ ଯୋଗୀ ଶରୀରରେ ଥିବା ସ୍ନାୟୁମଣ୍ଡଳ ଓ କୋଷସମୂହରେ ଏହା ସୂକ୍ଷ୍ମତଃ ଅନୁଭୂତ ହୋଇଥାଏ । ମକର ସଂକ୍ରାନ୍ତି: ଯୋଗୀ ସମାଧି ଅବସ୍ଥାରେ ପହଞ୍ଚିଲେ, ୬୫ ତତ୍ତ୍ୱର ଆଗମ ହୁଏ । ଏଠାରେ ହୃଧାଳିବୃନ୍ଦକୋଷକୁ ମକର ସଂକ୍ରାନ୍ତି ବୋଲାଯାଇଛି । ପିଣ୍ଡରେ ଥିବା ତମାରି କୋଷକୁ କୃପାଳୁ କୁହାଯାଏ । ୧୯ଶ ଦିବସ ବୋଇଲେ ଏକାଦଶ ଇନ୍ଦ୍ରିଦମନ, ସାତ୍ତ୍ୱିକ ଭାବରେ କ୍ରିୟାଶୀଳ ସପ୍ତାଙ୍ଗ ଭାବ ଓ ଚୈତନ୍ୟ ରାଜ୍ୟର ସମଷ୍ଟିକୁ ବୁଝାଯାଏ । ଯୋଗୀର ଯୋଗ ମାର୍ଗରେ ୧୯ଶ ପାହାଚକୁ ଏଠାରେ ୧୯ଶ ଦିବସ ବୋଲି ବୋଲାଯାଇଛି । ଶ୍ରବଣାନକ୍ଷତ୍ର ବୋଇଲେ ମତିର ''ରଶ୍ମି'' ଭାବ । ମକର ଚନ୍ଦ୍ର ବୋଇଲେ ମତିର ''ଅଗ୍ନିକ'' ଭାବ କୋଷ । ଦେବଗଣ ବୋଇଲେ ସାତ୍ତ୍ୱିକ କୋଷଗଣ । ଯୋଗୀର ଅତ୍ୟାଚାରରେ ତା'ର ଅନ୍ତଃକରଣସ୍ଥ ସାତ୍ତ୍ୱିକ ଭାବର


କୋଷଗଣ ଲୁଚିଛପି ଯାଆନ୍ତି ,ଫଳରେ ରଜ ଓ ତମ ଗୁଣର କୋଷସମୂହ ପରାକ୍ରମଶାଳୀ ହୋଇଉଠନ୍ତି ।

**ନା**ରଦ ମୁନି ବୋଇଲେ ନୈଧିକୋଷ । ଶବ୍ଦନାଦର ରଦ ଅବସ୍ଥାକୁ ନାରଦ ବୋଲାଯାଏ । ଯୋଗୀର ଯୋଗମାର୍ଗରେ ଅଗ୍ରଗତି କାଳରେ ନୈଧିକୋଷ ଚ୍ଛମ୍ପିକ ମାୟାଦ୍ୱାରା କୌଶଳରେ ତା'ର ରଜପ୍ରଧାନ ତମଗୁଣକୁ ନିୟନ୍ତ୍ରଣ କରେ । ଚୈତ୍ର ବୋଇଲେ ଚୁତକ କୋଷ,ମଘା ନକ୍ଷତ୍ର ବୋଇଲେ ବୌସ୍ତୀକ୍ଷା କୋଷ ।ଏ ଦ୍ୱୟ ନାଭିଚକ୍ରରେ ଥାଏ । ଶୁକ୍ଳଦଶମୀ ଅର୍ଥ ନିଶୁଣିକ କୋଷ , ଏହା ଲିଙ୍ଗ ଚକ୍ରରେ ଥାଏ । , ଏହା ମଧ୍ୟ ନାଭି ଚକ୍ରରେ ଥାଏ । ସିଂହଚନ୍ଦ୍ର ଅର୍ଥାତ୍ ଅର୍ନାଢ଼ କୋଷ ,ବାଣିଜ୍ୟ ନାମ କରଣ ବୋଇଲେ ବୃକ୍ଷିକା କୋଷ । ଏ ସବୁ ହୃଦଚକ୍ରରେ ଥାଏ । ଏହାର ଅନ୍ୟନାମ ଶୂକକୋଷ । ମୀନସଂକ୍ରାନ୍ତି ବୋଇଲେ ଅନ୍ତଙ୍କରୀ କୋଷର କୁଣ୍ଡଳିନୀ ଅବସ୍ଥା । ବୁଧବାର ନାଦସୌଧ୍ୱରୀ କୋଷକୁ ବୁଝାଏ । ତମଗୁଣ ଭାବାପନ୍ନ ଯୋଗୀ ଯୋଗାରୂଢ଼ ଅବସ୍ଥାରେ ରହି କୁଣ୍ଡଳିନୀ ଜାଗ୍ରତ କରି ଚକ୍ର ପରେ ଚକ୍ର ଭେଦ କରିବା ସମୟରେ ତାହାର ଅନ୍ତଃକରଣରେ ଏହାର ପ୍ରଭାବ ବଳଶାଳୀ ହୁଏ ।

**ଅ**ଙ୍ଗାରପନ୍ନଗ ଅର୍ଥାତ୍ ଐନ୍ଦ୍ରିଜାଳିକ କୋଷର ପ୍ରଭାବରୁ ସୃଷ୍ଟି ହୋଇଥିବା ରୌକ୍ଷବୃନ୍ଧାଙ୍ଗୀ କୋଷ । ଏହା କଣ୍ଠଚକ୍ରରେ ଥାଏ । ଏହି କୋଷର ଆସୁରିକ ଭାବ ଥିବାରୁ ଯୋଗୀ ଏହିଚକ୍ର ଭେଦ ଅବସ୍ଥାରେ ପହଞ୍ଚିଲେ, ତା'ର ଅନ୍ତଃକରଣରେ ତମ ଓ ରଜ ଗୁଣ ଭାବାପନ୍ନ ଅବସ୍ଥା ସୃଷ୍ଟି ହୁଏ । ଯୋଗୀର ସାଧନ ପର୍ଯ୍ୟାୟରେ ଐନ୍ଦ୍ରିଜାଳିକ କୋଷର ସୁପ୍ତ ଅବସ୍ଥା ପହଞ୍ଚିଲେ, ତାହାକୁ ଇନ୍ଦ୍ରଙ୍କର ଆତ୍ମଗୋପନ ବୋଲି ବୁଝିବାକୁ ହୁଏ । ଏକୋଇଶବାର ସ୍ୱର୍ଗ ଆକ୍ରମଣ ବୋଇଲେ ଷଡ଼ଚକ୍ରଭେଦ କାଳରେ ନାଭିଚକ୍ରରୁ ଲଲାଟଚକ୍ର ପର୍ଯ୍ୟନ୍ତ ବାଇଶ ପାବଛ ଅତିକ୍ରମ କଲେହିଁ ବ୍ରହ୍ମଦର୍ଶନ ଲାଭ ହୁଏ । ଅଙ୍ଗାରପନ୍ନଗ ଏଠାରେ ରଜଗୁଣର ଭୌରୁଜି କୋଷକୁ କୁହାଯାଇଛି । ଏହା ଯୋଗୀ ଚିତ୍ତର ଦ୍ୱିତୀୟ ମନ୍ଦ ଅବସ୍ଥା । ଯୋଗୀ ଏହି ଅବସ୍ଥାରେ ଇନ୍ଦ୍ରିୟାଦିର ତମ ଓ ରଜ ଭାବକୁ ନିସ୍ତେଜ କରିବାରେ ସମର୍ଥ ହୁଏ ।ଏହାକୁ ଗଳ୍ପାଂଶରେ ଅଙ୍ଗାରପନ୍ନଗଙ୍କୁ ବନ୍ଦୀ କଲେ ବୋଲିକୁହାଯାଇଛି । ଇନ୍ଦ୍ରଙ୍କର ଆତ୍ମଗୋପନ ବୋଇଲେ ନାଭିଚକ୍ରର ସ୍ୱତୀକ୍ଷା କୋଷକୁ ସୁପ୍ତ ଅବସ୍ଥାରେ ରଖିବାକୁ ବୁଝାଯାଏ । ମାତଳୀ ଅର୍ଥାତ୍ ସୁରଙ୍ଗ ସ୍ନାୟୁ ଏହା ଯୋଗ ଅବସ୍ଥାରେ ପ୍ରାଣାୟାମ ଆଚରଣ କାଳରେ କୁମ୍ଭକ ହୋଇ କୁଣ୍ଡଳୀନିରେ ମିଶେ । ନକୁଳ ବୋଇଲେ ଇଡ଼ା, ପିଡ଼ା, ସୁଷୁମ୍ନାର ସୂକ୍ଷ୍ମ ଅଂଶର କାର୍ଯ୍ୟ ନିର୍ବାହ କରୁଥିବା କୋଷ । ଏହି କୋଷ କ୍ଷୌଦ୍ରିଚିନ୍ନାଗ କୋଷ ନାମରେ ଖ୍ୟାତ ।

**ଘ**ଟି ବୋଇଲେ କୁଣ୍ଡଳିନୀର ସ୍ୱରଟ କୋଷ । ଏହା ଭେଦ କଲେ ଯୋଗୀର ଶସ୍ତ୍ରଭେଦ ହୁଏ । ଫଳରେ ଯୋଗୀ ସଂଯମୀ ହୁଏ, ଯୋଗୀର ଜ୍ଞାନ ଉଦୟ ହୁଏ ଏବଂ ସକଳ ଆସୁରିକ ଭାବ ଭସ୍ମ ହୋଇଯାଏ । ଯୋଗୀର ଏହି ଅବସ୍ଥା ହେଉଛି ପୂର୍ବଫାଲ୍ଗୁନି ନକ୍ଷତ୍ର ଅର୍ଥାତ୍ ଆଜ୍ଞାଚକ୍ରର ସ୍ୱତିକକ୍ଷ ସ୍ନାୟୁ ଯୋଗୀକୁ ଯୋଗମାର୍ଗରେ ସାହାଯ୍ୟ କରିବାକୁ କୁହାଯାଇଅଛି । ମକରଲଗ୍ନରେ ସ୍ୱର୍ଗ ଆକ୍ରମଣ ଅର୍ଥାତ୍ ଭୁରୁଣୀଂ ସ୍ନାୟୁ ଯୋଗୀକୁ ଦର୍ଶନ ତତ୍ତ୍ୱଲାଭ କରିବାରେ ସାହାଯ୍ୟକରିବା ଓ ତ୍ରିକୂଟରେ ଲୟ ସ୍ଥିର ରଖିବାକୁ ସାହାଯ୍ୟ କରିବା ଭାବ ହିଁ ପ୍ରକାଶ କରୁଅଛି ।ବୈଶାଖ ମାସ ବୋଇଲେ ଧୃତିକ କୋଷ । ଏହା ଯୋଗାରୂଢ଼ ଅବସ୍ଥାରେ ଯୋଗୀ ଶରୀରରେ ପ୍ରଚଣ୍ଡ ତାପ ଆଣେ ଏବଂ ମସ୍ତିଷ୍କରେ କ୍ରୋଧ ବଢ଼ାଏ । ଶୁକ୍ଳପକ୍ଷ ହେଉଛି ସ୍ୱରୀତ କୋଷ । ଏହା ଯୋଗୀର ଶାନ୍ତ ଅବସ୍ଥା ଆନୟନ କରେ । ଏଠାରେ ଯୋଗୀର କ୍ରୋଧ ନରମ ଅବସ୍ଥାକୁ ଫେରିଆସେ । ଦଶମୀ ତିଥି ଅର୍ଥ ଦଶଦ୍ୱାରର ମୂଳପିଣ୍ଡ । ଏଠାରେ ଅବସ୍ଥିତ କୋଷର ନାମ ଉଚ୍ଛ୍ୱସ ପେଟିକା । ବୃହସ୍ପତି ବାର ବୋଇଲେ ପିଧିକ୍ଷି କୋଷ । ଯୋଗୀ ପିଣ୍ଡର ନିର୍ଦ୍ଦେଶକାରୀ ସ୍ନା/କୁ ମାର୍ଗରେ ପରିଚାଳିତ ହେବାର ଗତିପଥକୁ ଏହା ନିର୍ଦ୍ଦେଶ କରେ ।

**ଯୋ**ଗୀ ଯୋଗ ମାର୍ଗରେ ଗତିଶୀଳ ଅବସ୍ଥାରେ ଥିବା ସମୟରେ ତା'ର ଶାରୀରିକ କୋଷ ଓ ସ୍ନାୟୁ ସାଧନ କାଳରେ ଇନ୍ଦ୍ରିୟ ସଂଯମାଦି ପ୍ରକ୍ରିୟା ମାଧ୍ୟମରେ ନାନାପ୍ରକାର ଦୈହିକ, ମାନସିକ, ବାଚନିକ ଓ ଆଚରଣୀୟ ବୈକଲ୍ୟ ବିକଳ୍ପ ପରିଦୃଷ୍ଟ ହୁଏ । ରଜ ଓ ତମ ଗୁଣର ସୁପ୍ତ ଅବସ୍ଥା ଆସିବା ସମୟରେ ଏବଂ କୁଣ୍ଡଳିନୀର ଷଡ଼ଚକ୍ର ଭେଦ କାଳରେ ପ୍ରାଣାୟାମର ରେଚକ, ପୂରକ, କୁମ୍ଭକ ଅବସ୍ଥାରେ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ଭାବର ଉଦ୍ରେକ ହୁଏ । ତାହା ଅନ୍ତଃକରଣରେ କ୍ରିୟାଶୀଳ ଥିଲେ ମଧ ବାହ୍ୟତଃ ତାହା ପ୍ରକାଶ ପାଇ ପରିଦୃଷ୍ଟ ହୁଏ । ସାଧାରଣ ଲୋକେ ଯୋଗୀକୁ ଏହି ପର୍ଯ୍ୟାୟରେ ଦେଖି ଭ୍ରମବଶତଃ ଭୁଲ୍ ବୁଝି ବସନ୍ତି । କାରଣ, ସେମାନେ ଯୋଗ ମାର୍ଗର ପଥିକ ନୁହଁନ୍ତି କିମ୍ବା ଯୋଗର ସୂକ୍ଷ୍ମାନୁଭୂତି ଅନୁଭବରେ ଆଣି ପାରିନଥାନ୍ତି ॥




ଅତିବଡୀ ଜଗନ୍ନାଥଙ୍କ କୃତ ଶ୍ରୀମଦ୍‌ଭାଗବତରେ ଅଛି:

"ସ୍ୱର୍ଗ ସୁଖରେ ବାଞ୍ଛାନାହିଁ । ନରକେ ପଡ଼ିବ ସେ କାହିଁ ??

ପ୍ରକୃତରେ ଦେଖିବାକୁ ଗଲେ : ସଂସାର ଭୋଗରେ ସୁଖ କାହିଁ ?ଏ ସଂସାରଟା ପରା କେବଳ ଦୁଃଖଶୋକରେ ଭରା ! ଯାହା ଆମେ ସବୁ ଦେଖୁଛୁ, ତାହା କେବଳ ସୁଖର ଛାୟା ମାତ୍ର । ସେଥିରେ ପ୍ରକୃତ ସୁଖର ଲେଶ ମାତ୍ର ସତ୍ତା ନାହିଁ ।।

ମହାତ୍ମା ତୁଳସୀଦାସ ବାସ୍ତବରେ ସଫଳତାର ସହିତ ଲେଖିଛନ୍ତି :

"ବେହା ବେହା ସବ୍‌କୋଇ କହେ ମେରା ମନ୍‌ମେ ଏହିଭାୟ ।

ଚଢ୍ ଖଟୋଲି ଧୋଧୋ ଲଗ୍‌ଡ଼ା ଯେହେଲ୍ ପର୍ ଲେ.ଯାଓ ୟେ ।।'

ସମସ୍ତେ ବାହାବାହା କରି ବରକୁ ପାଲିଙ୍କିରେ ବସାଇ ଅତି ଆନନ୍ଦରେ ବଡ଼ ଆଡ଼ମ୍ବରରେ ବାଜା ବଜାଇ ନେଇ ଯାଆନ୍ତି । ଏହା ବାହାଘର ନୁହେଁ, ନିନ୍ଦା ଓ ଦୁଃଖର ଘର । ଯେହେତୁ ତା'କୁ ସେମାନେ ସେତେବେଳେ ବାସ୍ତବରେ ଜେଲ୍‌ଖାନାକୁ ନେଇଯାଉଥାଆନ୍ତି । ଘର ସଂସାର କ'ଣ ଜେଲ୍‌ଖାନା ନୁହେଁ କି ? ଥରେ ସଂସାର ଜଂଜାଳରେ ପଶିଲେ, ମଣିଷର ଆଉ ସ୍ୱାତନ୍ତ୍ର୍ୟ ବା ସ୍ୱାଧୀନତା ରହେକି ?ସେତେବେଳେ ସେ ସର୍ବଦା ସ୍ତ୍ରୀ; ପୁତ୍ର,କନ୍ୟା, ବନ୍ଧୁବାନ୍ଧବ ଆଦିଙ୍କର ଅଧୀନସ୍ଥ ହୋଇଯାଇ ସେମାନଙ୍କର ବନ୍ଧନରେ ପଡ଼ିରହେ ନାହିଁ କି ? ନିରୋଳ ନିର୍ଜନରେ ଭଗବଦ୍ ଚିନ୍ତା କରିବାକୁ ଟିକିଏ ବି ସମୟ ତା'ର ନଥାଏ । ନୁହେଁ କି ??

ସତରେ ଏ ସଂସାରରେ ସୁଖ କ'ଣ କହିଲ ? ତୁମେ ତୁମ ଜୀବନରେ ଯେଉଁ ସୁଖ କାମନା କରିଥିଲ ବା କରୁଅଛ, କାହିଁ ସେ ସୁଖ ? ବୋଧ ହୁଏ ଆଦୌ ନାହିଁ । ସତ କହିଲ, ପ୍ରକୃତ ସୁଖ ଉପଲବ୍ଧ କରିବାକୁ ତୁମେ ଫୁରସତ୍ ପାଇଛ ନା ପାଉଛ ? ବରଂ ଅଶେଷ ଦୁଃଖ ଆଉ ଅମାପ ଉଦ୍‌ବେଗ ପାଇଛ । ଏ ସଂସାରରେ ସୁଖଦୁଃଖ ସବୁ ଏହିପରି ।।

ଆଦି ଶଙ୍କରଙ୍କର ଭାଷାରେ :

"ଯାବଜ୍ଜନନଂ ତାବନ୍ମରଣଂ ତାବଜ୍ଜନନୀ ଜଠରେ ଶୟନଂ ।

ଇତି ସଂସାରେ ସ୍ଫୁଟତର ଦୋଷଃ କଥମିହ ମାନବ ତବ ସନ୍ତୋଷଃ ??"

କବିଙ୍କ ରଚନାରେ :

"ସଂସାର ଏଇ ରୂପ୍ ଦୁଃଖେର ଆଗାର ।
ତବେ କେନ ହେ ମାନବ ! ସନ୍ତୋଷ ତୋମାର ??"

ପ୍ରକୃତ ପକ୍ଷେ ଏ ସଂସାରରେ ସୁଖ ବୋଲି କିଛି କେଉଁଠି ନାହିଁ । ଯାହାକୁ ଆମେ ସୁଖ ବୋଲି କହୁଛୁ ବା ଭାବୁଛୁ, ତାହା ପ୍ରକୃତ ସୁଖ ନୁହେଁ । ତାହା କେବଳ ଆବଦ୍ଧ ଦୁଃଖ ମାତ୍ର । କାରଣ ଯେଉଁ କଏଦୀ ଜଣକ ଦୀର୍ଘଦିନ ଜେଲଖାନାରେ ରହିଲାଣି, ଜେଲ୍‌ରୁ ମୁକ୍ତିପାଇବାପରେ ବାହାରେ ରହିବାକୁ ସେ ମଧ ଦୁଃଖ ଅନୁଭବ କରେ । ଫଳରେ ଜେଲ୍‌ଖାନାର ଆବଦ୍ଧ ଜୀବନକୁ ପରମ ସୁଖକର ମନେକରେ । ପକ୍ଷୀଟିଏ ବହୁଦିନ ଆବଦ୍ଧ ପିଞ୍ଜରାରେ ରହିବା ପରେ, ଦୈବାତ୍ ମୁକ୍ତ ହେଲେବି ତା'କୁ ମୁକ୍ତ ଆକାଶରେ ବିଚରଣ କରିବାକୁ ଭଲଲାଗେନା । ସେପିଞ୍ଜରାକୁ ସୁଖର ଆଗାର ବୋଲି ମନେକରେ । ଆମ୍ଭେମାନେ ସେହିପରି ଆମର ଜନ୍ମଜନ୍ମାନ୍ତରର କର୍ମଫଳ ଅନୁଯାୟୀ ଆଜନ୍ମ ଏ ମାୟାସଂସାରରେ ଆବଦ୍ଧ ହୋଇ ଜାଗତିକ ଅନିତ୍ୟ ଓ ଐନ୍ଦ୍ରିଜାଲିକ ସୁଖର ଅନୁସନ୍ଧାନ ଓ ଅନୁସରଣ କରି ଏହି ଦୁଃଖଦ ସଂସାରକୁ ସୁଖକର ବୋଲି ମନେକରି ଥାଉଁ । ତେଣୁ, ମୃଗତୃଷ୍ଣା ପଛରେ ଧାଇଁବାହିଁ ସାର ହୁଏ । ପରିଣାମ କେବଳ ହତାଶା ପୂର୍ଣ୍ଣ ହାହାକାର ॥

ଶ୍ରୀଗୁରୁଦେବ କରୁଣାକରି ଯାହା କରିବାକୁ ପଠାଇଛନ୍ତି, ଯାହା ଯେତିକି ଦେଇଛନ୍ତି, ସେଥିରେ ସନ୍ତୁଷ୍ଟ ରହିବାହିଁ ଆମର କର୍ତ୍ତବ୍ୟ । ଏହାହିଁ ହେଲା ଶ୍ରୀପାଦପଦ୍ମର ତାତ୍ପର୍ଯ୍ୟ । ଏକ ମାତ୍ର ଭଗବତ୍ ଚରଣ ବିନା ଅତୁଟ ସୁଖ ଓ ଅଖଣ୍ଡ ଶାନ୍ତି ଏବଂ ପୂର୍ଣ୍ଣ ଆନନ୍ଦ ଆଉ କେଉଁଠି ନାହିଁ । ଠାକୁରେ ମଙ୍ଗଳମୟ । ଆମ ଦୃଷ୍ଟିରେ ଯାହା ଅମଙ୍ଗଳ ବା ଅସୁଖ, ତାଙ୍କର ଦିବ୍ୟ ଦୃଷ୍ଟିରେ ଆମ ପାଇଁ ତାହା ପରମ ସୁଖକର ମଙ୍ଗଳର ସୋପାନ ଶ୍ରେଣୀ । ପ୍ରଭୁ ପାଦଙ୍କର ଶ୍ରୀପାଦପଦ୍ମରେ ଲୟ ରଖିଲେ, ଅଶାନ୍ତ ମନ ଶାନ୍ତ ହୋଇଯାଏ । ଏ ଜଗତରେ ଧନ, ଜନ, ଲାଭ, ପୂଜା, ପ୍ରତିଷ୍ଠା, ମାନ ସମ୍ମାନ, ପଦବୀ ଆଦି ସେତେବେଳେ ଭକ୍ତମନକୁ ଆକର୍ଷଣ କରି ପାରେ ନାହିଁ ।

"ଆପ୍‌ନାତେ ମନ୍ ଆପନି ଥାକୋ, ଯେଓ ନାକୋ କାରୋ ଘରେ ।
ଯା ଚାଁ'ବି ତା' ବସେ ପା' ବି-ଖୋକ୍ ଆପନ୍ ଅନ୍ତରେ ॥"

ତୁମସଙ୍ଗ ଆମେ ଏକତ୍ର ହୋଇ
କଲ୍ୟାଣକର୍ମକୁ ନେଉଛୁ ବାଛି,
ପର କଥାରେ ତା' ନକର ହେଲା,
ଅମେ ବାଛିନେବୁ ତୁମରି ଭେଳା ।

ନବ ଯଉବନୀ କଟିରେ ବସି,
ଯେମନ୍ତେ କାଟୁଛ ଦିବସ ନିଶି,
ତେମନ୍ତ ଭାବରେ ଗୁରୁଙ୍କୁ ଧର
କାଳଆସିଲାଣି ହେଲା ନକର,

ଆମର ଲକ୍ଷ୍ୟ : ଚରମପ୍ରାପ୍ତି